ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.51 Bhubaneswar Friday, April 01, 2022 | ୨୫ତମ ବର୍ଷ | ସଂଖ୍ୟା–୫୧ | ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ନଡ୍ଡାଙ୍କୁ ଭେଟିଲେ ରାଜ୍ୟ ବିଜେପି ନେତା, ଅପରାଜିତା ଅନୁପସ୍ଥିତ



ଭୁବନେଶ୍ୱର,୩୧ ।୩(ପି.ଏନ): ପଂଚାୟତ ଓ ପୌର ନିର୍ବାଚନରେ ଶୋଚନୀୟ ପରାଜୟ ପରେ ରାଜ୍ୟ ବିଜେପିର ଏକ ପ୍ରତିନିଧି ଦଳ ଆଜି ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଶ୍ରୀ ନଡ୍ଡାଙ୍କୁ ଭେଟିଥିବା ଟିମରେ ରାଜ୍ୟ ବିଜେପି ଉପସଭାପତି ଅପରାଜିତା ଷଡଙ୍ଗୀ ଅନୁପସ୍ଥିତ ଥିଲେ।ରାଜ୍ୟ ବିଜେପି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ରାଜ୍ୟର ସାଂପ୍ରତିକ ରାଜନୈତିକ ସ୍ଥିତି, ପ୍ରାକ୍ ନିର୍ବାଚନୀ ହିଂସା ଓ ନିର୍ବାଚନ ସମୟର ହିଂସା ଉପରେ ଆଲୋଚନା କରିଛନ୍ତି।ଏହି ଅବସରରେ ଓଡିଶାରେ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟ ବିଜେପି କିଭଳି ଭଲ ପ୍ରଦର୍ଶନ କରିପାରିବ ସେ ନେଇ ରଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ମାର୍ଗଦର୍ଶନ କରିଥିଲେ। ଦଳର ସଂଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଓ ଗରିବ କଲ୍ୟାଣକାରୀ ଯୋଜନା ଘରେ ଘରେ ଯେଭଳି ପହଁଚିବ,ତା'ଉପରେ ମଧ୍ୟ ମତପ୍ରକାଶ କରିଥିଲେ।ପରେ ରାଜ୍ୟର ଏହି ନେତାମାନେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳିରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଳକ ମହାପାତ୍ର, ରବି ନାରାୟଣ ନାଏକ, ଲେଖାଶ୍ରୀ ସାମନ୍ତସିଂହାର, କାଳନ୍ଦୀ ସାମଲ, ଟଙ୍କଧର ତ୍ରିପାଠୀ ଓ ସୁଦର୍ଶନ ଗୋଏଲ ପ୍ରମୁଖ ସାମିଲ ଥିଲେ ।

## ଚାନ୍ଦିପୁରରୁ କ୍ଷେପଣାସ୍ତ୍ରର ଦୁଇ ରାଉଣ୍ଡ ସଫଳ ପରୀକ୍ଷଣ

ବାଲେଶ୍ୱର ,୩୧ ।୩(ପି.ଏନ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ବିଭାଗ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଆଇଟିଆଇର ଲଞ୍ଚିଂ ପ୍ୟାଡ-୩ ରୁ ଦୁଇ ରାଉଣ୍ଡ "ଏମ ଆର ଏସ ଏ ଏମ" କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଯାଇଛି। ଭୂପୃଷ୍ଠରୁ ଆକାଶ କୁ ଲକ୍ଷ ଭେଦ କରିପାରୁ ଥିବା ମାଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର "ଏମ ଆର ଏସ ଏ ଏମ" ଆଜି ପୂର୍ବାହ୍ନ ୧୦ ଟା ୧୪ ମିନିଟ୍ ରେ ପ୍ରଥମ ରାଉଣ୍ଡ ଏବଂ ୧୧ ଟା ୩ ମିନିଟ୍ ରେ ପରୀକ୍ଷଣ କରାଯାଇଛି। ଉତକ୍ଷେପଣ ସମୟରେ ସ୍ଥିରୀକୃତ ହୋଇଥିବା ସମସ୍ତ ଦିଗ, ଗତି ଓ ଟାର୍ଗେଟ କୁ ସଠିକ୍ ଭାବେ ଏହି ମିଶାଇଲ ଛୁଇଁଥିବା ଜଣାପଡ଼ିଛି। ଡିଆରଡିଓ ଏବଂ ଇସ୍ରାଏଲ ର ମିଳିତ ଉଦ୍ୟମରେ ନିର୍ମିତ ହୋଇଥିବା ଏମ ଆର ଏସ ଏ ଏମ କ୍ଷେପଣାସ୍ତ୍ର ୭୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରିବ। ଏହା ବାୟୁମଣ୍ଡଳର ୧୬ କିମି ଉପରେ ଶବ୍ଦର ଗତି କରିପାରିବ। ଏଥିରେ ୬୦ କିଗ୍ରା ପର୍ଯ୍ୟନ୍ତ ଆଣବିକ ଯୁଦ୍ଧାସ୍ତ୍ର ବହନ କ୍ଷମତା ରହିଛି। ଏମ ଆର ଏସ ଏ ଏମ କ୍ଷେପଣାସ୍ତ୍ରର ଓଜନ ୨୭୫ କିଗ୍ରା, ଲମ୍ବ ୪.୫ ମିଟର ଓ ମୋଟେଇ ୦ ୨୨୫ ମିଟର। ଏଥିରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ସଲିଡ ପ୍ରପୋଲାଣ୍ଟ ରକେଟ ଇଞ୍ଜିନ ବ୍ୟବହାର କରାଯାଇଛି।

## ଦେଶକୁ ସମ୍ବୋଧନ କଲେ, ଇସ୍ତଫା ଦେବେନି ବୋଲି କହିଲେ ଇମ୍ରାନ ଖାନ



ଇସଲାମାବାଦ,୩୧ ।୩: ସଂସଦରେ ସଂଖ୍ୟାର ଗରିଷ୍ଠତା ହରାଇ ଅଡୁଆରେ ପଡିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦମ୍ଭ ଏଯାଏ ଭାଙ୍ଗିନି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲେ ମଧ୍ୟ ସେ ଶେଷ ଯାଏ ଲଢ଼େଇ କରିବେ ଓ କେବେ ହେଲେ ଇସ୍ତଫା ଦେବେ ନାହିଁ ବୋଲି ଆଜି ପାକିସ୍ତାନବାସୀଙ୍କୁ ସମ୍ବୋଧନ କରି କହିଛନ୍ତି।ଆଜି ସଂସଦରେ ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ହେବାର ଥିଲା। କିନ୍ତୁ ସଂସଦକୁ ଉପ ବାଚସ୍ପତି କ୍ୱାସୀମ ସୁରୀ ଏପ୍ରିଲ ୩ ତାରିଖ ଯାଏ ମୁଲତବୀ ଘୋଷଣା କରିଛନ୍ତି। ଏହାପରେ ଇମ୍ରାନ ଖାନ ଦେଶବାସୀଙ୍କୁ ସମ୍ବୋଧନ କରି ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା ଅଭିଯୋଗ କରିଛନ୍ତି।ଏଥିସହ ପାକିସ୍ତାନର ପୂର୍ବତନ ୩ ପ୍ରଧାନମନ୍ତ୍ରୀମାନେ କେମିତି ବିଦେଶୀ ଶକ୍ତିଙ୍କ ହାତ ବାରିସ ସାଜିଥିଲେ, ସେକଥା କହିଛନ୍ତି। ଭାରତ ସହ ସେ ବନ୍ଧୁତ କରିବାକୁ ଚେଷ୍ଟା କରିଥିଲେ ବି ଏହା ସମ୍ଭବ ହୋଇପାରି ନଥିଲା। ପାକିସ୍ତାନ କେବେ ହେଲେ ଭାରତ କିମ୍ବା ଆମେରିକାକୁ ତା'ର ଶତ୍ରୁ ଭାବେ ବିବେଚନା କରେନାହିଁ ବୋଲି ଇମ୍ରାନ ଖାନ ତାଙ୍କ ସମ୍ବୋଧନ ବେଳେ କହିଛନ୍ତି।ସେ କହିଛନ୍ତି, "ଆମେ କିଛି ବିଦେଶୀ ରାଷ୍ଟ୍ରରୁ ମେସେଜ ପାଇଥିଲୁ ଯେ ଯଦି ଇମ୍ରାନ ଖାନ ଚାଲିଯିବେ, ତା'ହେଲେ ସେମାନେ ପାକିସ୍ତାନକୁ କ୍ଷମା କରିଦେବେ। ଯଦି ମୋତେ ବିଦା କରିବାରେ ସେମାନେ ବିଫଳ ହେବେ, ତା'ହେଲେ ପାକିସ୍ତାନକୁ ଅଡୁଆ ପରିସ୍ଥିତିରେ ପକାଇବେ ବୋଲି ଧମକ ଦେଇଛନ୍ତି।ଏଠାରେ କ୍ଷମତାରେ ଥିବା ୩ ପ୍ରଧାନମନ୍ତ୍ରୀ ବିଦେଶୀ ଶକ୍ତିଙ୍କ କଥାରେ ପରିଚାଳିତ ହେଉଥିଲେ। ଏବେ ସେମାନେ ଇମ୍ରାନ ଖାନଙ୍କୁ ହଟାଇ ସେଭଳି ଲୋକଙ୍କୁ ଶାସନ ଗାଦିରେ ବସାଇବାକୁ ଚାହୁଁଛନ୍ତି। ଏହାପରେ ସବୁ କିଛି ଠିକ ହୋଇଯିବ। ହେଲେ ମୁଁ କେବେ ହେଲେ ହାର ମାନିବି ନାହିଁ। ମୋ କ୍ରିକେଟିଂ କ୍ୟାରିୟରରୁ ମୁଁ ଶେଷ ବଲ ଯାଏ ଲଢ଼େଇ କରିଛି। ଏବେ ବି ମୁଁ ଶେଷ ଯାଏ ଲଢ଼େଇ କରିବି। ମୁଁ କେବେ ହେଲେ ହାର ମାନିବି ନାହିଁ କି ଇସ୍ତଫା ଦେବିନାହିଁ।"ରବିବାର ଆସ୍ଥା ଭୋଟ ଆସିବାକୁ ଥିବାରୁ ସେ କହିଛନ୍ତି, "ରବିବାର ପାକିସ୍ତାନର ଭବିଷ୍ୟତ ନିର୍ଦ୍ଧାରିତ ହେବ। ମୁଁ ଆମ ପୂର୍ବପୁରୁଷଙ୍କ ନୀତି ଓ ସ୍ୱପ୍ନକୁ ନେଇ ରାଜନୀତିକୁ ଆସିଥିଲି। ରାଜନୀତିକୁ ଆସିବା ପୂର୍ବରୁ ଅନେକ ଲୋକ ଅଜଣା ଥିଲେ। ହେଲେ ମୋ କ୍ଷେତ୍ରରେ ସେମିତି ଘଟି ନଥିଲା। ଯଦି ଆହ୍ଲାଙ୍କ ଆଶୀର୍ବାଦ ନଥାଆନ୍ତା, ତା'ହେଲେ ମୁଁ ରାଜନୀତିକୁ ଆସି ପାରି ନଥାଆନ୍ତି। ପାକିସ୍ତାନ ଏବେ ଇତିହାସର ସବୁଠାରୁ ଘଡିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ମୋର ସୌଭାଗ୍ୟ ଯେ ମୋତେ ପ୍ରସିଦ୍ଧି, ଅର୍ଥ ଓ ସମ୍ମାନ ମିଳିଛି। ଆଜି ମୁଁ କିଛି ଚାହୁଁନି। ଭଗବାନ ମୋତେ ସବୁ ଦେଇଛନ୍ତି।ପାକିସ୍ତାନ ମୋ ଠାରୁ ମାତ୍ର ୫ ବର୍ଷ ବଡ। ସ୍ୱାଧୀନତା ପରେ ମୁଁ ଜନ୍ମ ଗ୍ରହଣ କରିଥିବା ପ୍ରଥମ ପିଢ଼ି। ପିଲାବେଳେ ମୋର ମନେ ଅଛି ଦକ୍ଷିଣ କୋରିଆ ବିକାଶର ମନ୍ତ୍ର ଶିଖିବାକୁ ପାକିସ୍ତାନ ଆସୁଥିଲା। ମାଲେସିୟା ରାଜକୁମାର ମୋ ସହ ସ୍କୁଲରେ ପ ଢ଼ୁଥିଲେ। ମଧ୍ୟପ୍ରାଚ୍ୟର ଯୁବକମାନେ ଆମ ବିଶ୍ୱବିଦ୍ୟାଳୟକୁ ପଢ଼ିବାକୁ ଆସୁଥିଲେ।ଆମ ଦେଶ କେମିତି ବରବାର ଓ ଅପମାନିତ ହେଲା, ସେକଥା ବି ମୁଁ ଦେଖିଛି। ଭାରତ ଓ ଆମେରିକାରେ ମୋର ଅନେକ ବନ୍ଧୁ ଅଛନ୍ତି। ମୁଁ କେବେ ହେଲେ କାହାର ଖରାପ ଚିନ୍ତା କରନି। ମୁଁ କେବଳ ସେମାନଙ୍କ ନୀତିକୁ ନିନ୍ଦା କରିଛି। ଆମେରିକା ପାଇଁ ଅନେକ ପାକିସ୍ତାନୀ ବଳିଦାନ ଦେଇଛନ୍ତି। କେବେ ହେଲେ କେହି ଏଥିପାଇଁ ଆମକୁ ଧନ୍ୟବାଦ ଦେଇଛନ୍ତି ? ଡ୍ରୋନ ହମଲାରେ ଅନେକ ଲୋକଙ୍କୁ ଆମେ ହରାଇଛୁ। ୮୦ଟି ମାଦ୍ରାସା ଉପରେ ଆକ୍ରମଣ ହୋଇଛି।ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବା ପରେ ମୁଁ କାହା ବିରୋଧରେ ଆମ ବିଦେଶ ନୀତି ଯେମିତି ନ ହେବ, ତା'କୁ ନିଶ୍ଚିତ କରିଥିଲି। କଶ୍ମୀର ପ୍ରସଙ୍ଗରେ ଭାରତ ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଙ୍ଘନ କରିଥିଲା। ୨୦୧୯ ଅଗଷ୍ଟ ୫ରେ ଭାରତ ସରକାର କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବାରୁ ଏହାକୁ ମୁଁ ନିନ୍ଦା କରିଥିଲି। ଭାରତ ସହ ମୁଁ ସବୁବେଳେ ବନ୍ଧୁତା ପ୍ରତିଷ୍ଠା ପାଇଁ ଚେଷ୍ଟା କରିଛି। ନୱାଜ ଶରିଫ ନେପାଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ। ଭାରତ ସହ ବନ୍ଧୁତା କରିବାକୁ ଚାହିଁଥିଲେ ମଧ୍ୟ ଏଥିରେ ଆମକୁ ସଫଳତା ମିଳିନି।ମୁଁ ସବୁବେଳେ ସ୍ୱାଧୀନ ବିଦେଶୀ ନୀତି ସପକ୍ଷରେ ରହିଛି। ମୁଁ କାହା ବିରୋଧରେ ନାହିଁ। କିନ୍ତୁ ମୋ ପାଇଁ ୨୨ କୋଟି ପାକିସ୍ତାନୀ ଗୁରୁତ୍ୱପୂର୍ଣ୍ଣ। ଦେଶରେ ଆକ୍ରମଣ ବେଳେ ଶେହବାଜ ଶରିଫ କେଉଁଠି ଥିଲେ ? ବିରୋଧୀମାନେ ନିଜକୁ ବିକ୍ରି କରି ଦେଇଛନ୍ତି। ସେମାନେ ଦେଶର ସାର୍ବଭୌମତ୍ୱକୁ ବିକ୍ରି କରିଛନ୍ତି। ଲୋକମାନେ କେବେ ହେଲେ ସେମାନଙ୍କୁ କ୍ଷମା ଦେବେନି। ଲୋକେ କେବେ ହେଲେ ଏହାକୁ ଭୁଲିବେନି। ଦେଶକୁ ବିକ୍ରି କରିଥିବା କଥା ସମସ୍ତଙ୍କର ମନେ ଅଛି।"




ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ–୨୦୨୨ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-77
OIPR-15001/13/0142/2122



ଓଡ଼ିଶା ସରକାର

ଓଡ଼ିଶା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

ନବୀନ ପଟ୍ଟନାୟକ

DADLS-77
OIPR-15001/13/0142/2122





ବାର୍ତ୍ତା

ପବିତ୍ର ଉତ୍କଳ ଦିବସ–୨୦୨୨ ଅବସରରେ ବଡ଼ଚଣା–ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା–ଧର୍ମଶାଳା, ଯାଜପୁର, ଓଡ଼ିଶା


## ଶେଷ ହେଲା ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୩୧ ।୩(ପି.ଏନ): ଷୋଡଶ ବିଧାନସଭାର ବଜେଟ ଅଧିବେଶନ ଗୁରୁବାର ଶେଷ ହୋଇଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱଳ୍ପକାଳୀନ ଅଧିବେଶନରେ ମୋଟ ୬ଟି କାର୍ଯ୍ୟ ଦିବସ ଥିଲା। ବୈଠକର ଶେଷ ଦିନରେ ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ୧ଲକ୍ଷ ୬ହଜାର ୪୯୮କୋଟି ଟଙ୍କାର ଲେଖାନୁଦାନକୁ ଆଜି ଗୃହର ମଞ୍ଜୁରୀ ମିଳିଛି। ଏହାପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ମୁଲତବୀ ଘୋଷଣା କରାଯାଇଛି ।ବିଧାନସଭା ସଚିବାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ (ଲେଖାନୁଦାନ) ଆଗତ ହେବା ସହ ଏହା ଉପରେ ଆଲୋଚନା ହେବାପରେ ତାହା ଗୃହର ଅନୁମୋଦନ ଲାଭ କରିଛି । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଭିଭାଷଣ ରଖିଥିବା ବେଳେ ୧୨ ଜଣ ଦିବଂଗତ ସଦସ୍ୟ , ପୂର୍ବତନ ମୁଖ୍ୟମନ୍ତ୍ରୀ , ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇ ପାରିତ ହୋଇଥିଲା। ଏହି ୬ଦିନିଆ ଅଧିବେଶନରେ ୫ଟି ସରକାରୀ ବିଲ୍ ଉପସ୍ଥାପନ ହେବା ସହ ତାହା ପାରିତ ହୋଇଛି । ୫ଟି ସିଏଜି ରିପୋର୍ଟ, ୨୨ଟି ବାର୍ଷିକ ରିପୋର୍ଟ ମଧ୍ୟ ଗୃହରେ ଉପସ୍ଥାପିତ ହୋଇଛି । ୪ଟି ଅଧ୍ୟାଦେଶକୁ ମଧ୍ୟ ଗୃହରେ ଆଗତ କରାଯାଇଥିଲା । ୩୫୨ଟି ତାରକା ପ୍ରଶ୍ନ, ୫୪୨ଟି ଅଣତାରକା ପ୍ରଶ୍ନ ଗ୍ରହଣ କରାଯାଇଥିଲା।ଏହି ଅଧିବେଶନରେ ମାତ୍ର ଦୁଇଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିଛି। ଧାନକିଣାରେ ବ୍ୟାପକ ଅନିୟମିତତା ଓ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ।




ଓଡ଼ିଶା ଦିବସ ୨୦୨୨
ପାଳନ ଅବସରରେ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ – ୨୦୨୨ ଉପଲକ୍ଷେ ରାଜ୍ୟବାସୀ ସମସ୍ତଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅତୁଳନୀୟ ଅବଦାନ ରଖିଥିବା ଆମ ରାଜ୍ୟର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଆସନ୍ତୁ, ଆମେ ସମସ୍ତେ ଆମର ସେହି ପୂର୍ବସୂରୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟର ବିକାଶଧାରାରେ ସାମିଲ ହେବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-77
OIPR-15001/13/0142/2122








## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ୍ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅଭୁଲା ସ୍ମୃତି



ସାଂସ୍କୃତିକ ପୃଷ୍ଠଭୂମିରେ ମନ୍ଦିରମାଳିନୀ ଆମର ଏହି ପବିତ୍ର ଉତ୍କଳ ବିଭବ ବିମଣ୍ଡିତ। ଏହି ପ୍ରାଣ ପ୍ରାଚୁର୍ଯ୍ୟଭରା ଆମ ପବିତ୍ର ଉତ୍କଳ ବା ଓଡିଶାର ଶୋଭା ପସରା ଅତୀବ ମନୋରମ। ପାହାଡ ପର୍ବତ ଘେରା ଘଂଚ ବନରାଜିର ଅଫୁରନ୍ତ ଶୋଭା ପ୍ରତିଟି ଉତ୍କଳୀୟ ପ୍ରାଣରେ ନବ ପୁଲକ ସଂଚାର କରିଥାଏ। କଳାସଂସ୍କୃତିରେ ମହିମାମୟ ଋଦ୍ଧିମନ୍ତ ଉତ୍କଳର ଶୋଭାରାଜି କବି ହୃଦୟକୁ ଆହ୍ଲାଦ କରିବା ସହ ସେ ହୃଦୟରୁ ନିହ୍ଲାଦିତ କରିଥାଏ। "ବନ୍ଦେ ଉତ୍କଳ ଜନନୀ ଚାରୁ ହାସମୟୀ, ଚାରୁ ହାସମୟୀ ଜନନୀ, ଜନନୀ, ଜନନୀ"। ଯେଉଁ ଉତ୍କଳରେ ଜଗତର ନାଥ କାଳିଆ ସାଆନ୍ତ କୋଟି ଓଡିଆର ମଉଡମଣୀ ବିରାଜମାନ କରିଛନ୍ତି, ଏହି ପବିତ୍ର ଓଡିଶା ମାଟିରେ, ଯେଉଁ ମାଟିରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ଶବ୍ଦ ତରଙ୍ଗ ପ୍ରତିଧ୍ୱନିତ ହୁଏ। ଉତ୍କୃଷ୍ଟ କଳାତ୍ମକ ଆମର ଏ ଦେଶର ଅଧିବାସୀଙ୍କୁ ଓଡିଆ ବା ଉତ୍କଳୀୟ କୁହାଯାଏ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଓଡିଶା ଇତିହାସରେ ଏକ ସ୍ମରଣୀୟ ଦିବସ। ଭାରତ ମାନଚିତ୍ରରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ସେହିଦିନ ସ୍ଥାନ ପାଇଲା। ସେଥିପାଇଁ ଏହି ଦିବସଟି ପ୍ରତ୍ୟେକ ଓଡିଆଙ୍କ ପାଇଁ ଏକ ଅବିସ୍ମରଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିନ। ଏହି ଦିବସରେ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏହି ପବିତ୍ର ଦିବସଟିକୁ ଅତି ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଥାନ୍ତି। ଏବଂ ଗୌରବମୟ ଅତୀତର ସ୍ମୃତି ଚାରଣ କରିଥାନ୍ତି। ଏହି ଦିନରେ ଆମ ଉତ୍କଳ ଜନନୀ ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ପରିଣତ ହୋଇଥିଲା। ଫଳସ୍ୱରୂପ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱୀୟ, ଉଚ୍ଚ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ସ୍ୱାତନ୍ତ୍ର୍ୟ ବ୍ୟାସ ରଖିଆସିଥିବା ଓଡିଆ ଭାଷା ଲୋକମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଦେଶ ଗଠନର ଆଶା, ଆକାଂକ୍ଷା ଓ ସ୍ୱପ୍ନ ବାସ୍ତବରେ ରୂପାୟିତ ହୋଇଥିଲା। ଏହାର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାପଡେ ଓଡିଶାର ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ୧୫୬୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ଘୋଟିଆସେ। ଆଫଗାନ୍, ମୋଗଲ ଓ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଏହାର ଐକ୍ୟ, ସଂସ୍କୃତି, ଐତିହ୍ୟ ଓ ସ୍ୱାତନ୍ତ୍ର୍ୟକୁ ଲୋପ କରିବାକୁ ପ୍ରଚେଷ୍ଟା କରନ୍ତି। ୧୭୬୫ରେ ଲର୍ଡ କ୍ଲାଇବ୍ ବଙ୍ଗ, ବିହାର ସହିତ ଓଡିଶାର ଦେୱାନୀ ଗ୍ରହଣ କରନ୍ତି। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜମାନଙ୍କର ଶାସନାଧିନ ହୁଏ। ଏହିପରି କାଳର କ୍ରୁର ପରିହାସରେ ବିଜୟ ବିମଣ୍ଡିତ ଇତିହାସ ପ୍ରସିଦ୍ଧ ଋରୁହାସ୍ୟମୟୀ, ଋରୁଭାଷମୟୀ, ଉତ୍କଳ ଜନନୀ ଶ୍ରୀ ହୀନା, ଛିନ୍ନମସ୍ତା, ଶୀର୍ଣ୍ଣ, କଳେବର ହୋଇଯାଏ। ୧୮୫୭ରେ ଅନୁଷ୍ଠିତ ଐତିହାସିକ ସିପାହୀ ବିଦ୍ରୋହ ଭାରତୀୟ ସ୍ୱାଧିନତା ସଂଗ୍ରାମ ପାଇଁ ଥିଲା ପ୍ରଥମ ସ୍ୱର ଉତୋଳନ। ମାତ୍ର ଏହା ବହୁ ପୂର୍ବରୁ ଅର୍ଥାତ୍ ୧୮୧୭ ଖ୍ରୀଷ୍ଟାବ୍ଦରେ ଓଡିଶାର ବରପୁତ୍ର ଦୁର୍ଦ୍ଦଶ ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁ ଇଂରେଜ ସରକାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ।

ଏହା ଓଡିଶାରେ ଇଂରେଜ ସ୍ଥିତିକୁ ଅଳ୍ପକାଳ ପାଇଁ ଦୋହଲାଇ ଦେଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହୁଏ। ଏହା ବହୁ ପୂର୍ବରୁ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଇଂରେଜ ସରକାର ବିରୁଦ୍ଧରେ ୧୮୨୬ ମସିହାରେ ସ୍ୱର ଉତୋଳନ କରନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଇଂରେଜ ସରକାର ବିରୋଧରେ ଓଡିଶାରେ ହିଁ ପ୍ରଥମେ ଜନ ଜାଗରଣ ହୋଇଥିଲା।

ଦିନ ଥିଲା, ପ୍ରାଚୀନ ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡିଶାର ବଣିକ ବୃନ୍ଦ ଜାଭା, ସୁମାତ୍ରା, ବଳି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରାକରି ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିଥିଲେ। ବୀର ଓ ଦୁର୍ଦ୍ଧର୍ଷ ଜାତି ରୂପେ ଓଡିଆମାନେ ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିଲେ। ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା। ମାତ୍ର କାଳର ରଥଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଗଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦି ବଂଶର ସମ୍ରାଟ ଖାରବେଳ କଳିଙ୍ଗର ଶାସନଭାର ଗ୍ରହଣ କଲେ। ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ହୃତ ଗୌରବକୁ ଫେରାଇ ଆଣିଥିଲେ। ଖାରବେଳଙ୍କ ପରେ ଶୈଳୋଦ୍ଭବ ଏବଂ ତତ୍ପରେ ଭୌମବଂଶୀୟ ରାଜାଗଣ ଓଡିଶାରେ ରାଜତ୍ୱ କରିଥିଲେ। ୩୪୨ ଖ୍ରୀଷ୍ଟାବ୍ଦରେ ସମୁଦ୍ରଗୁପ୍ତ ଏବଂ ୬୧୦ ଖ୍ରୀଷ୍ଟାବ୍ଦରେ ଗୌଡ ଦେଶର ରାଜା ଶଶାଙ୍କ ଓଡିଶାରେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ନବମ ଶତାବ୍ଦୀ ବେଳକୁ ଓଡିଶା ସୋମବଂଶୀୟ ରାଜାମାନଙ୍କ ଶାସନାଧିନ ଥିଲା। ତତ୍ପରେ କେଶରୀ ବଂଶର ରାଜାମାନେ ଶାସନଭାର ଗ୍ରହଣ କଲେ। ସେମାନଙ୍କ ଅମଳରେ ଓଡିଶାରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। କେଶରୀ ବଂଶ ପରେ ଓଡିଶାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କଲେ। ଏହି ବଂଶର ଚୋଳଗଙ୍ଗ ଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଲାଙ୍ଗୁଡା ନରସିଂହଦେବ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। ଗଙ୍ଗବଂଶ ପରେ ଓଡିଶାରେ ସୂର୍ଯ୍ୟବଂଶର ରାଜାମାନେ ରାଜତ୍ୱ ଚଳାଇଲେ। କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଏବଂ ପ୍ରତାପରୁଦ୍ର ଦେବ ଏହି ବଂଶର ପରାକ୍ରମଶାଳୀ ନୃପତି ଥିଲେ। ସେମାନେ ବହୁ ରାଜ୍ୟ ଜୟ କରି ଓଡିଶାର ଉନ୍ନତି ବିଧାନ କରିଥିଲେ। ସୂର୍ଯ୍ୟବଂଶ ପରେ ଓଡିଶାରେ ଭୋଇବଂଶର ରାଜାମାନେ ରାଜୁତି କଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଶାସନଭାର ଗ୍ରହଣ କଲେ। ସେ ଓଡିଶାରେ ଶେଷ ସ୍ୱାଧିନ ହିନ୍ଦୁ ରାଜା। ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନମାନେ ଓଡିଶାରେ ରାଜତ୍ୱ କରି ଓଡିଶାର ଗୌରବକୁ ଧ୍ୱଂସ କଲେ। ୧୬୫୨ ଖ୍ରୀଷ୍ଟାବ୍ଦରେ ଏହା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା। ଏହାପରେ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଓଡିଶାର ଗୌରବ, ଐତିହ୍ୟକୁ ଧୂଳିସାତ୍ କଲେ। ପରିଶେଷରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜ ଶାସନାଧିନ ହେଲା। ଇଂରେଜମାନଙ୍କ ରାଜତ୍ୱ କାଳରେ ଓଡିଶାର ସାମାଜିକ, ଆର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଲା। ସର୍ବଶେଷରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣୀ ଗୋପବନ୍ଧୁ, ପାରଳା ମହାରାଜ କୃଷ୍ଣଚନ୍ଦ୍ର, ମୟୁରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ପ୍ରଭୃତି ବରପୁତ୍ରମାନଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲା ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା।

**ସ୍ୱତନ୍ତ୍ର ଓଡିଶା ଗଠନରେ ମନୀଷୀଗଣ:-** ଉତ୍କଳ ଏକତ୍ରୀକରଣରେ ଯେଉଁ ଯୋଗଜନ୍ମା ମନୀଷୀଗଣ ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ। ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୧୮୬୬ ଖ୍ରୀଷ୍ଟାବ୍ଦରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେ କଲିକତା ଯାଇ ୧୮୭୦ରେ ବି.ଏ ଏବଂ ଏମ୍.ଏ ପାସ୍ କଲେ। ମାତୃଭୂମିର ସେବାରେ ପ୍ରାଣୋତ୍ସର୍ଗ କରିବା ପାଇଁ ସେ ୧୮୮୧ ମସିହାରେ ଓଡିଶାକୁ ପ୍ରତ୍ୟାବର୍ତନ କଲେ। ସେତେବେଳକୁ ସେ ଓକିଲାତି ପାସ୍ କରିଥିଲେ।

ସେତେବେଳକୁ ଓଡିଶାରେ ଘୋର ଦୁର୍ଦ୍ଦିନ ଦେଖାଦେଇଥିଲା। ଏପରି ଏକ ମୁହୂର୍ତରେ ଏସବୁ ଆବିର୍ଭୁତ ହୋଇ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା। ସମ୍ମିଳନୀ ମଣ୍ଡପରେ ସେ ଦଣ୍ଡାୟମାନ ହୋଇ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ:- *"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ/କୋଟି ପ୍ରାଣବିନ୍ଦୁ ଧରେ/ତୋ'ର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ/ଡେଇଁପଡି ସିନ୍ଧୁ ନୀରେ॥"*

ମଧୁବାବୁଙ୍କ ଆପ୍ରାଣ ଚେଷ୍ଟାରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡିଶାରେ ମିଶିଲା। ୧୯୧୩ରୁ ୧୯୨୩ ମସିହା ପର୍ଯ୍ୟନ୍ତ ମଧୁବାବୁ ବିହାର-ଓଡିଶା ପ୍ରଦେଶର କାଉନ୍‌ସିଲର ସଭ୍ୟ ହୋଇ ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ। ସେ ୧୯୧୭ରେ ଭାରତର ସଚିବ ମଂଟେଗୁ ଓ ଚେମସ୍‌ଫୋର୍ଡଙ୍କ ସହିତ ସାକ୍ଷାତ କରି ଓଡିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ୧୯୨୭ ସାଲରେ ସାଇମନ କମିଶନ ଉତ୍କଳୀୟମାନଙ୍କ ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କଲେ। ୧୯୩୧ ସାଲରେ ଓଡନେଇ କମିଟି ମାଧ୍ୟମରେ ସରକାର ଓଡିଶାର ନ୍ୟାଯ୍ୟ ଦାବୀ ସମ୍ପର୍କରେ ଅନୁସନ୍ଧାନ କଲେ। ୧୯୩୬ ଏପ୍ରିଲ୍ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ଏଇ ବରପୁତ୍ର ୧୯୩୪ରେ ଇହଲୀଳା ସମ୍ବରଣ କରିଥିଲେ।

ଉତ୍କଳୀୟ ଏକତ୍ରୀକରଣରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ୧୮୭୭ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଦେଶ, ଜାତି ଓ ସମାଜ କଥା ସେ ନିରନ୍ତର ଭାବୁଥିଲେ। ମରୁଡି ଓ ବନ୍ୟାବେଳେ ସେ ବୁଭୁକ୍ଷୁ ଲୋକଙ୍କ ମଧ୍ୟରେ ଚୂଡା ଋଉଳ ବାଂଟୁଥିଲେ। ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ସେ ସର୍ବଦା ଉର୍ଦ୍ଧ୍ୱରେ ଥାଇ ସେବାରେ ବ୍ରତୀ ଥିଲେ। ବିଚ୍ଛିନ୍ନାଂଚଳରେ ସଙ୍ଗଠନ କରି ଓଡିଆ ଭାଷାଭାଷୀମାନଙ୍କୁ ଏକତ୍ରୀକରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ ଓଡିଶାରେ ମହାତ୍ମା ଗାନ୍ଧିଙ୍କ ବାର୍ତା ପ୍ରଋର କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ କାର୍ଯ୍ୟରେ ସହାୟତା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଆଉ ଜଣେ ମହାରଥୀ ହେଉଛନ୍ତି ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ। ୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡିଶାର ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବିହାର ଓଡିଶା ସରକାର ତାଙ୍କ ନାମ ସୁପାରିଶ କଲେ। କିନ୍ତୁ କୃଷ୍ଣଚନ୍ଦ୍ର ଲଣ୍ଡନରେ ପହଚିଂବା ପୂର୍ବରୁ ଗୋଲଟେବୁଲ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇସାରିଥିଲା। ସୁତରାଂ ସେ ଓଡିଶାର ଦାବି ଉପସ୍ଥାପିତ କରିପାରିଲେ ନାହିଁ। ୧୯୩୧ ମସିହା ସାର୍ ଉଇଲିୟମ୍ ତୋଡ୍‌ୱେଟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଲା। ସିନ୍ଧୁପ୍ରଦେଶ ଗଠନ ସମ୍ପର୍କରେ ସବ୍‌କମିଟି ରିପୋର୍ଟ ବିଋର ହେବାର କାର୍ଯ୍ୟକ୍ରମ ଥିଲା। ଉକ୍ତ ବୈଠକରେ ଓଡିଆମାନଙ୍କର ନ୍ୟାଯ୍ୟ ଦାବି ଉପସ୍ଥାପିତ କରିବା ପାଇଁ ସେ ବିଲାତ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ। ତାଙ୍କର ଅନୁମତି କ୍ରମେ କୃଷ୍ଣଚନ୍ଦ୍ର ଓଡିଆମାନଙ୍କର ଦୂରବସ୍ଥା ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନର ଗୁରୁତ୍ୱ ସମ୍ପର୍କରେ ବ୍ରିଟିଶ କର୍ତୃପକ୍ଷଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାବି ପ୍ରଥମ ଗୋଲଟେବୁଲ ବୈଠକରେ ସମସ୍ତ ପ୍ରତିନିଧିଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

ଗୋଲଟେବୁଲ ବୈଠକରେ ଅନ୍ୟତମ ସଦସ୍ୟ ତଥା ରାଷ୍ଟ୍ରସଚିବ ସାମୁଏଲ୍ ହୋରଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା। ଲଣ୍ଡନରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିବାବେଳେ ସାମୁଏଲ୍ ସାହେବ ଓଡିଶା ତରଫରୁ ଆୟୋଜିତ ଭୋଜିସଭାରେ ୧୯୩୪ରେ ଯୋଗଦାନ କରିଥିଲେ। ଏହି ସଭାରେ ସେ କୃଷ୍ଣଚନ୍ଦ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉତ୍କଳମାତାର ସେଇ ଦୁଇ ବରପୁତ୍ର ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ଦିନଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ନିଜକୁ ବିଜଡିତ କରିଥିଲେ। ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ଗଞ୍ଜାମ ଅନ୍ତର୍ଭୁକ୍ତ ଥିଲା। ହରିହରଙ୍କ ନେତୃତ୍ୱରେ ଗଞ୍ଜାମବାସୀ ସକ୍ରିୟ ହୋଇଉଠିଲେ। ଏହାପରେ ସେ ମଧୁସୂଦନ, ରାଧାନାଥ ଓ ଫକୀରମୋହନଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ଜାତୀୟତାର ଆଭାସ ପାଇ କବି ନୀଳମଣି ବିଦ୍ୟାରନ୍ ରମ୍ଭା ଆସିଲେ। ତାଙ୍କର ପ୍ରେରଣାରେ ପ୍ରୋତ୍ସାହିତ ହୋଇ ହରିହର ରମ୍ଭାରେ ଏକ ପ୍ରେସ୍ ସ୍ଥାପନ କରି "ପ୍ରଜାବନ୍ଧୁ", "ମଧୁପ" ଓ "ସଂସ୍କାରକ" ନାମକ ପତ୍ରିକା ପ୍ରକାଶ କରି ଓଡିଆମାନଙ୍କର ନ୍ୟାର୍ଯ୍ୟ ଦାବି, ଦୁଃଖଦୁର୍ଦ୍ଦଶା ଉପସ୍ଥାପନା କଲେ। ତାଙ୍କ ନେତୃତ୍ୱରେ ରମ୍ଭାରେ ଏକ ସଭା ଆହୂତ ହେଲା। ଏହା ପରବର୍ତୀ କାଳରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ବିଭିନ୍ନ ସଭାସମିତିର ସୁପରିଋଳନା ପାଇଁ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ।

୧୯୦୮ ମସିହାରେ କଟକ ଠାରେ ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ ହରିହର ଯୋଗଦାନ କରି ଏହାକୁ ତୀବ୍ରତର କରିବା ପାଇଁ ପ୍ରସ୍ତାବମାନ ଦେଲେ। ଦକ୍ଷିଣ ଓଡିଶାର ଓଡିଆ ଆନ୍ଦୋଳନର କର୍ଣ୍ଣଧାର ରୂପେ ହରିହର ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତା'ପରେ ୧୯୨୧ରୁ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ପିତାଙ୍କ ପଥ ଅନୁସରଣ କରିଥିଲେ। ଦେଶ ମିଶ୍ରଣର ଶେଷ ନିଷ୍ପତି ପାଇଁ ଗଭର୍ଣ୍ଣର ଜେନେରାଲ ଫିଲିପ୍ ସାହେବ ଓ ଡଫ୍ ସାହେବଙ୍କୁ ନିଯୁକ୍ତ କଲେ। ଫିଲିପ୍-ଡଫ୍ କମିଶନ ଗଞ୍ଜାମ ପରିଦର୍ଶନକୁ ଯେତେବେଳେ ଆସିଲେ, ସେତେବେଳେ ରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ଇତିହାସ ଓ ତାଙ୍କ ପିତାଙ୍କ ଦେଶ ମିଶ୍ରଣ ପାଇଁ ଉଦ୍ୟମ ଶୁଣାଇ ଏକ ଲିଖିତ ଦାବି ଉପସ୍ଥାପନ କଲେ। କମିଶନ ଓଡିଆମାନଙ୍କର ଦାବି ଯଥାର୍ଥ ବୋଲି ହୃଦୟଙ୍ଗମ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କଲେ। ୧୯୨୭ରେ ରାମଚନ୍ଦ୍ର ମର୍ଦ୍ଦରାଜ ସାଇମନ କମିଶନଙ୍କୁ ଗଞ୍ଜାମ ତରଫରୁ ଏକ ସ୍ମାରକପତ୍ର ଦେଲେ। ୧୯୩୨ ସାଲରେ ଲଣ୍ଡନଠାରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ସେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ବଳିଷ୍ଠ ଯୁକ୍ତି ବାଢିଲେ। ଓଡିଶା ଗଠନ ନିମିତ୍ତ ଜନ୍ ହବାକ୍‌ଙ୍କ ନେତୃତ୍ୱରେ ଏକ କମିଟି ରମ୍ଭାରେ ପଂହଚି ରାମଚନ୍ଦ୍ରଙ୍କ ସହ ସାକ୍ଷାତ କଲେ। କମିଟି ରାମଚନ୍ଦ୍ରଙ୍କର ବହୁ ବଳିଷ୍ଠ ଯୁକ୍ତି ଗ୍ରହଣ କଲେ। ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ ଆଉ ଜଣେ ମହାରଥି। ସେ ମର୍ମେ ମର୍ମେ ଅନୁଭବ କଲେ ଯେ ଜାତୀୟଚେତନାର ଅଭିବୃଦ୍ଧି ପାଇଁ ସମ୍ବାଦପତ୍ରର ଭୂମିକା ଆବଶ୍ୟକ। ତେଣୁ ସେ ୧୮୭୩ ମସିହାରେ ବାଲେଶ୍ୱରଠାରେ ଏକ ଛାପାଖାନା ନିର୍ମାଣ କରି 'ସମ୍ବାଦ ବାହିକା' ପ୍ରକାଶ କଲେ। ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ବଙ୍ଗଳା ଭାଷା ବିରୋଧରେ ସ୍ୱର ଉତୋଳନ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ଓଡିଆ ଭାଷାର ଉନ୍ନତି ନିମିତ୍ତ ସେ କେତୋଟି ବିଦ୍ୟାଳୟ ପ୍ରତିଷ୍ଠା କଲେ ଏବଂ ନିଜେ ଓଡିଆରେ କେତୋଟି ପାଠ୍ୟ ପୁସ୍ତକ ମଧ୍ୟ ରଚନା କଲେ। ସେ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ବଦ୍ଧ ପରିକର ହେଲେ। ଜନମତ ସୃଷ୍ଟି କରିବା ପାଇଁ ସେ ୧୮୭୯ ମସିହାରେ ବାଲେଶ୍ୱରଠାରେ ଏକ ଜାତୀୟ ସଂସଦ ଗଠନ କରି ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡିଆ ଭାଷାଭାଷୀ ଅଂଚଳ ଏକତ୍ର କରିବା ପାଇଁ ସେ ଏହା ପୂର୍ବରୁ ବଙ୍ଗଳାର ତତ୍କାଳୀନ ଲେଫଟନାଂଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ରାଜା ବୈକୁଣ୍ଠନାଥ ଦେ ଏବଂ ଅନ୍ୟମାନଙ୍କ ପ୍ରଚେଷ୍ଟା ଯୋଗୁଁ ୧୯୦୫ ମସିହାରେ ସମ୍ବଲପୁର ଓଡିଶାରେ ସାମିଲ ହେଲା।




ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ମଧ୍ୟ ଅତୁଳନୀୟ। ସେ ସଂସ୍କାରବାଦୀ, ଜନସେବକ ଓ ଜାତୀୟ କଂଗ୍ରେସର ପରମ ଭକ୍ତ ଥିଲେ। ସମ୍ବଲପୁରକୁ ଓଡିଶାରେ ଅନ୍ତର୍ଭୁକ୍ତ କରାଇବାରେ ସେ ମଧ୍ୟ ପ୍ରବଳ ଉଦ୍ୟମ କରିଥିଲେ। କର୍ମବୀର ଗୌରୀଶଙ୍କର ଓଡିଶାର ଆଉ ଜଣେ ସୁଯୋଗ୍ୟ ସନ୍ତାନ। ସେ ୧୮୭୮ ମସିହାରେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠନ କଲେ। ଓଡିଆ ଭାଷା ଓ ସାହିତ୍ୟର ବିକାଶ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା। ତାଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ଆତ୍ମ ପ୍ରକାଶ ଲାଭ କରି ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନ କଲା। ଏହି ପତ୍ରିକା ମାଧ୍ୟମରେ ସେ ଓଡିଆବାସୀଙ୍କର ଦୁଃଖଦୁର୍ଦ୍ଦଶାକୁ ଉପସ୍ଥାପନ କଲେ। ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ବିଚ୍ଛିନ୍ନାଂଚଳକୁ ଏକତ୍ରୀକରଣ କରିବାରେ ଆଉ କେତେଜଣ ଯୋଗଜନ୍ମା ମଧ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦେବ, ମୟୁରଭଞ୍ଜର ରାଜା ବିକ୍ରମ ଦେବ, ଫକୀରମୋହନ ସେନାପତି, ଲିଙ୍ଗରାଜ ପାଣିଗ୍ରାହୀ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ବ୍ରଜସୁନ୍ଦର ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ଜଗବନ୍ଧୁ ସିଂହ, ରାଧାନାଥ ରାୟ ଓ ତାରିଣୀ ଚରଣ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। ପବିତ୍ର ଉତ୍କଳ ଦିବସରେ ଛାତ୍ରସମାଜ, ଯୁବଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି କରିବା ପାଇଁ ସଙ୍କଳ୍ପ ନେବାଉଚିତ। ଉନ୍ନତିମୂଳକ କାର୍ଯ୍ୟ କେତୋଟି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମାବଦ୍ଧ ନ ରହି ସମଗ୍ର ଓଡିଶାର ତିରିଶଟି ଜିଲ୍ଲାରେ ବାଂଟିକରି ହେବା ବିଧେୟ। ଆଂଚଳିକ ମନୋଭାବ ପରିହାର କରି ସମଗ୍ର ରାଜ୍ୟର ଉନ୍ନତି ପରିକଳ୍ପନା କରିବା ଉଚିତ। ରାଜନୈତିକ ନେତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗି ରହିଲେ ଆମ ରାଜ୍ୟର ଉନ୍ନତି ଅସମ୍ଭବ। ଆଜି ମଧ୍ୟ ଓଡିଶା ବାହାରେ ବହୁ ଓଡିଆ ଅବହେଳିତ ଓ ନିଷ୍ପେସିତ। ଏପରିକି ସେମାନେ ଓଡିଆ ଭାଷାରେ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ବିଚ୍ଛିନ୍ନାଚଂଳରେ ଭାଷା, ସଂସ୍କୃତି ଆଜି ବିପନ୍ନ ହୋଇପଡିଛି। ଏ ଦିଗରେ ଚେତନା ସୃଷ୍ଟି ହେବା ବିଧେୟ। ଆଜିର ଏ ପବିତ୍ର ଉତ୍କଳ ଦିବସରେ ଏ ଦିଗରେ ସରକାର ତଥା ଜନସାଧାରଣଙ୍କ ଚେଷ୍ଟା ଅବ୍ୟାହତ ରହିବା ବିଧେୟ।

**ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ ନଂ- ୬୩୭୦୬୭୫୫୬୨**

# କ୍ଷମା ମାନବ ଜୀବନର ଶିରୋମଣି



କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ୱା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ।

ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍ମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

**ଭବାଶିଷ ଦାସ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩**

## —ସ୍କାଉଟସ୍ ଏବଂ ଗାଇଡସ୍—

# ଉଦ୍‌ଯାପିତ ହେଲା ରୋଭର ରେଞ୍ଜର ଫିଏଷ୍ଟା



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରୋଭର ରେଞ୍ଜର ଫିଏଷ୍ଟା ଗତକାଲି ସଂଧ୍ୟାରେ ଏକ ବର୍ଣ୍ଣାଢ୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ଅଧକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା, ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ମାନ୍ୟବର ବିଧାୟକ (ମଧ୍ୟ) ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଏସ୍.ଏନ୍.ଓ ଏବଂ ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ବେହେରା



ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଫିଏଷ୍ଟାରେ ଅଧକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୮ଟି ଜିଲ୍ଲାରୁ ୪୫୦ ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ ଫିଏଷ୍ଟାର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଫୁଡ୍ ଅଫ ଓଡିଶା, ଶାରୀରିକ କ୍ରୀଡ଼ା କୌଶଳ, ଫେଷ୍ଟିଭାଲ ଅଫ ଷ୍ଟେଟ୍, ଷ୍ଟ୍ରିଟ୍ ପ୍ଲେ ଅନ୍ ଜେଣ୍ଡର ବାଏସ, ହିଟ୍ ଦ ଡ୍ୟାନ୍ସ ଫ୍ଲୋର, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ଓଡିଶା ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ମାନ୍ୟବର ବିଧାୟକ (ଉତ୍ତର) ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଡିସିପି ଟ୍ରାଫିକ୍ ଏସ୍. ସୁଶ୍ରୀ ପ୍ରଭୃତି ଯୋଗ ଦେଇ ପିଲାମାନଙ୍କୁ ଟ୍ରାଫିକ୍ ନିୟମ ମାନି କିପରି ଗାଡି ଚଳାଇବେ ଏବଂ ଆମ ରାଜ୍ୟରୁ କିପରି ଦୁର୍ଘଟଣା ଜନିତ ମୃତ୍ୟୁହାର କମିପାରିବ ତାହା ଉପରେ ଏକ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ଫିଏଷ୍ଟାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ଜିଲ୍ଲା ଏବଂ ରୋଭର, ରେଞ୍ଜରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା।






# ଉତ୍କଳ ଗୌରବ ରବି ବାରିଷ୍ଟର ଦାସ

## ଶ୍ରୀ ସୌଭାଗ୍ୟ ରଞ୍ଜନ ମହାପାତ୍ର

ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଓଡ଼ିଆ ଜାତିର ଜାତୀୟ ସ୍ୱାଭିମାନର ପ୍ରତୀକ ରୂପେ ଗ୍ରହଣ କରାଯାଇଛି। ସେଥିପାଇଁ ଓଡ଼ିଶାର ପୁରପଲ୍ଲୀ ସର୍ବତ୍ର ଯଥାର୍ଥରେ ଶୁଣାଯାଇଥାଏ।

‘ପାଠ ପଢ଼ିବି ପାଠ ପଢ଼ିବି
କାଳିଆ ଘୋଡାରେ ଚଢ଼ିବି
ମଧୁବାବୁ ସଂଗେ ଲଢ଼ିବି।”

ମଧୁସୁଦନ ଓଡ଼ିଆ ଜାତୀୟତାର ମନ୍ତ୍ରଦାତା ଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅସୀମ ଜାତିପ୍ରୀତି, ଚରମ ତ୍ୟାଗ, ଗଭୀର ଅଧ୍ୟବସାୟ,ଆନ୍ତରିକ ନିଷ୍ଠା ଓ ବିଚକ୍ଷଣ ଦୂରଦର୍ଶିତା ପ୍ରଣିଧାନଯୋଗ୍ୟ।ସେ ଓଡ଼ିଆମାନଙ୍କୁ ପ୍ରାଣଠାରୁ ଭଲ ପାଉଥିଲେ। ସତ୍ୟ, ନ୍ୟାୟ ଓ ସାଧୁତା ପ୍ରଦର୍ଶନ କରି ଓଡ଼ିଆ ଜାତିର ନୈତିକତା ଓ ସଚୋଟତାର ଗୌରବମୟ ପରମ୍ପରା ସେ ସୃଷ୍ଟି କରିଥିଲେ। ଉତ୍କୃଷ୍ଟ ଧରଣର ଜୋତା ପ୍ରସ୍ତୁତ ପାଇଁ ସେ ଉତ୍କଳ ଟାନେରୀ ଗଢ଼ି କମ କ୍ଷତି ସହି ନାହାନ୍ତି, ତଥାପି ତାଙ୍କର ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସ ତାଙ୍କୁ ଆଦର୍ଶ ପଥରୁ କେବେ ହେଲେ ବିଚ୍ୟୁତ କରିପାରି ନାହିଁ।ସେ ମନ୍ତ୍ରୀ ଥିଲାବେଳେ ଦରମା ନନେବା ଓ ଲୋକ ପ୍ରତିନିଧ ଅନୁପଯୁକ୍ତ ପ୍ରମାଣିତ ହେଲେ ତାଙ୍କୁ ଲୋକମତ ଦ୍ୱାରା ଫେରାଇ ଆଣିବା ପାଇଁ ‘ ରିକଲ୍’ ବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ୟମ କରି ସମଗ୍ର ଭାରତୀୟ ରାଜନୀତିରେ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ‘ ରିକଲ୍ ’ ବ୍ୟବସ୍ଥା ଦ୍ୱାରା ଶାସନରେ ସ୍ୱେଚ୍ଛାଚାର ଓ ଅତ୍ୟାଚାରର ମୂଳୋତ୍ପାଟନ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ତ୍ୟାଗ ପରିବର୍ତ୍ତ? ଭୋଗରେ ବିଶ୍ୱାସ କରୁଥିବା ସ୍ୱାର୍ଥବ?କ୍ଷୀ ରାଜନୈତିକ ବଡ଼ପଣ୍ଡାମାନଙ୍କ ଦ୍ୱାରା ଏହା ଗ୍ରହଣୀୟ ହେଲା ନାହିଁ।ମଧୁବାବୁ ଶ୍ରମର ମର୍ଯ୍ୟାଦା ବୁଝୁଥିଲେ। ଜମିରେ କୃଷକର ମାଲିକାନାକୁ ସେ ଗୁରୁତ୍ୱ ଦେଉଥିଲେ। ନାରୀ ଶିକ୍ଷାର ପ୍ରସାର ଦିଗରେ ତାଙ୍କ ଅନବଦ୍ୟ ଅବଦାନ ଅନସ୍ୱୀକାର୍ଯ୍ୟ। ଓଡ଼ିଶାର ଅଖଣ୍ଡତା ପ୍ରତି ବିପଦ ଓ ଜାତିର ସ୍ୱାତନ୍ତ୍ର ଲୋପ ପାଇବା ସମୟରେ ଯେଉଁ କେତେଜଣ ସ୍ମରଣୀୟ ମନୀଷୀ ଓଡ଼ିଆ ଜାତିର ପୁନଃରୁଦ୍ଧାର ଓ ମାତୃଭାଷା ତଥା ମାତୃଭୂମିର ସୁରକ୍ଷା ପାଇଁ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରେ ଭାଷା ଆନ୍ଦୋଳନର ମହାନ୍ ସାରଥି ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଆବିର୍ଭାବ ଘଟିଲା। ସେ ଓଡ଼ିଶାର ପ୍ରଥମ ଏମ୍.ଏ., ପ୍ରଥମ ବିଲାତ ଫେରନ୍ତା। ମନ୍ତ୍ରୀ ହୋଇ ମନ୍ତ୍ରୀପଦ ଅବୈତନିକ ଦାବି କରି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାରେ ସମଗ୍ର ଭାରତରେ ସେ ପ୍ରଥମ କଲିକତାରେ ଉଚ୍ଚଶିକ୍ଷା ଲାଭ କରିବା ସମୟରେ ସେଠାରେ ଏକମାତ୍ର ବିଶ୍ୱବିଦ୍ୟାଳୟର ଛାତ୍ର ଥାଇ ସଂସ୍କୃତର ଉତ୍ତର ଓଡ଼ିଆ ଅକ୍ଷରରେ ଲେଖିବା ପାଇଁ ସେ ଦାବି କରି ସଫଳ ହୋଇଥିଲେ।ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି ଆଧୁନିକ ଉତ୍କଳ ଗଠନ କରିବାରେ ସେ ଥିଲେ ପ୍ରଧାନ ପୁରୋଧା। ଜଣେ ବିଚକ୍ଷଣ ଆଇନଜୀବୀ ଭାବରେ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ ହେଁ ଦେଶ ଓ ଜାତି ପାଇଁ ସର୍ବସ୍ୱ ଉତ୍ସର୍ଗ କରି ନିଜକୁ ଦେବାଳିଆ ଘୋଷଣା କରିବାକୁ ମଧ୍ୟ ସେ ପଛେଇ ନଥିଲେ।ତାଙ୍କର ଜୀବନକାଳ ଥିଲା ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଇତିହାସ। ତାଙ୍କ ଜୀବନର ମୂଳମନ୍ତ୍ର ଥିଲା ଜାତୀୟତାବୋଧ। ତାଙ୍କର କବିତା ଓ ଅଭିଭାଷଣରେ ଏହା ପରିସ୍ଫୁଟ। ତାଙ୍କର ଜଣାଣ ‘ ଉତ୍କଳ ସନ୍ତାନ ’ଜନନୀର ଉକ୍ତି’, “ ସନ୍ତାନର ଉକ୍ତି’, “ ସମ୍ମିଳନୀ ’, ‘ ଜାତିର ଇତିହାସ କବିତାଗୁଡ଼ିକରେ ଜାତୀୟ ଆହ୍ୱାନ ଜାତିର ମେରୁଦଣ୍ଡକୁ ସୁଦୃଢ଼ କରିଛି।କବିଙ୍କ ଭାଷାରେ-

“ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତି ପ୍ରାଣଧାର
ସେ ଧାରରୁ ନୀର ପିଇଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର।”

କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମର ଏକ ସଂଭ୍ରାନ୍ତ ପରିବାରରେ ମାତା ପାର୍ବତୀ ଦେବୀଙ୍କ କୋଳରେ ପିତା ଚୌଧୁରୀ ରଘୁନାଥ ଦାସ ପୁତ୍ରର ନାମ ରଖିଥିଲେ ଗୋବିନ୍ଦ ବଲ୍ଲଭ। ବିଖଣ୍ଡିତ ଓଡ଼ିଶାକୁ ଏକତ୍ର କରି ପୂର୍ଣ୍ଣାଙ୍ଗ ଓଡ଼ିଶାର ମାନଚିତ୍ର ଅଙ୍କନ କରିବାକୁ ସତେ ଯେପରି ବିଧାତା ଗୋବିନ୍ଦ ବଲ୍ଲଭ ଓରଫ୍ ମଧୁସୂଦନ ଦାସଙ୍କୁ ଓଡ଼ିଶାରେ ଆବିର୍ଭାବ କରାଇଥିଲେ।ମାତା ପାର୍ବତୀ ଦେବୀଙ୍କର ପ୍ରଭାବ ପୁତ୍ର ଗୋବିନ୍ଦ ବଲ୍ଲଭଙ୍କ ଚରିତ୍ରରେ ପ୍ରତିଫଳିତ ହୋଇଥିଲା। ମାତା ବଂଶ ମର୍ଯ୍ୟାଦାକୁ ଅଗ୍ରାଧିକାର ଦେଇ କହୁଥିଲେ – ସବୁଯାଉ, ମହତ ଥାଉ। ତେଣୁ ପୁତ୍ର ଦେଶ ଓ ଜାତିର ମହତ ଓ ସ୍ୱାଭିମାନ ରଖିବାକୁ ସର୍ବତ୍ର ଜାଗ୍ରତ ଥିଲେ। ଗୋବିନ୍ଦ ବଲ୍ଲଭ ଜଣେ ଅବଧାନଙ୍କଠାରୁ ବାଲ୍ୟଶିକ୍ଷା ସମାପ୍ତ ପରେ ବିଦ୍ୟାଳୟରେ ଅଧ୍ୟୟନ ବେଳେ ମଧୁସୂଦନ ଦାସ ନାମରେ ନାମିତ ହୋଇ ସବୁ ଶ୍ରେଣୀରେ ପାଠପଢ଼ା ଶେଷ କରି ୧୮୭୩ ମସିହାରେ ଇଂରାଜୀରେ ଏମ୍.ଏ. ପାଶ୍ କରିଥିଲେ।ଖ୍ରୀଷ୍ଟଧର୍ମ ପ୍ରଗତିର ପଥ ବୋଲି ସେତେବେଳେ ଯୁବକମାନେ ଭାବୁଥିଲେ। ଏହି ଭାବନା ମଧ୍ୟ ମଧୁସୂଦନଙ୍କୁ ଆକୃଷ୍ଟ କଲା। ବି.ଏ.ପଢ଼ିବାବେଳେ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ।ଏହା ପିତାଙ୍କୁ ବିଶେଷ ବାଧିଲା। ମଧୁବାବୁ ୧୮୭୩ ମସିହାରେ ସୌଦାମିନୀଙ୍କୁ ବିବାହ କରିଥିଲେ। ପ୍ରାୟ ପାଞ୍ଚବର୍ଷ ପରେ ତାଙ୍କ ପତ୍ନୀଙ୍କର ଦେହାନ୍ତ ଘଟିଲା। ମଧୁସୂଦନ ସେହିଦିନଠାରୁ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ଆଉ ଦ୍ୱିତୀୟ ବିବାହ କରିନଥିଲେ। ପରେ ନିଜର ବନ୍ଧୁଙ୍କ କନ୍ୟା ଶୈଳବାଳାକୁ ପାଳିତ କନ୍ୟା ରୂପେ ଗ୍ରହଣ କଲେ। କନ୍ୟା ଶୈଳବାଳାଙ୍କ ନାମରେ କଟକରେ ଶୈଳବାଳା ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ମଧୁବାବୁ ଓକିଲାତି ଯୋଗ୍ୟତା ହାସଲ କରି ଓଡ଼ିଶାର ପ୍ରଥମ ଓଡ଼ିଆ ଓକିଲ ରୂପେ ଗଣ୍ୟ ହେଲେ। କଲିକତାରେ ମଧୁବାବୁଙ୍କୁ ନିଃସଙ୍ଗ ଜୀବନ ଆଉ ସୁଖ ଦେଲା ନାହିଁ। ସେ ୧୮୮୧ ମସିହାରେ କଟକ ଫେରିଆସି ସେଠାରେ ଓକିଲାତି ଆରମ୍ଭ କଲେ।

ସେତେବେଳେ ଏହି ବେଉସା ସଂପୂର୍ଣ୍ଣ ଭାବେ ବଙ୍ଗାଳୀଙ୍କ ହାତରେ ଥିଲା। ବଙ୍ଗାଳୀ ଓକିଲମାନେ ଓକିଲ ମଧୁବାବୁଙ୍କୁ ତାଚ୍ଛଲ୍ୟ ଦୃଷ୍ଟିରେ ଦେଖୁଥିଲେ, ତାଙ୍କ ପ୍ରାପ୍ୟ ବହୁ ସୁବିଧାରୁ ତାକୁ ବଞ୍ଚିତ କରାଇଲେ। କ୍ରମେ ତାଙ୍କ ଓକିଲାତି ଦୁଃଖ ସୁଧୁରିଗଲା ଓ ମଧୁବାବୁ ଆଇନ ବ୍ୟବସାୟରେ ଶୀର୍ଷ ସ୍ଥାନ ଅଧିକାର କଲେ। ମଧୁବାବୁ କଟକ ଆସିବା ପରେ ଉତ୍କଳ ଦୀପିକାର ସଂପାଦକ ଗୌରୀଶଙ୍କର ରାୟଙ୍କ ସହ ମିଶି “ ଉତ୍କଳ ସଭା ’ ନାମରେ ଏକ ସଂଗଠନ ଗଠନ କଲେ। ପରେ ଏହି ଉତ୍କଳ ସଭାରୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ’ ଜନ୍ମ ନେଲା।ସେ ଚାହୁଁଥିଲେ ସମସ୍ତ ଓଡ଼ିଆ ଅଞ୍ଚଳ ଗୋଟିଏ ଶାସନାଧୀନ ରହୁ।ଏହି ଉତ୍କଳ ସମ୍ମିଳନୀର ୧୯୦୩ ମସିହା କଟକ ଅଧିବେଶନରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ୍‌ସଭାପତିତ୍ୱ କରିଥିଲେ। କିନ୍ତୁ ମଧୁବାବୁ ଏହି ସମ୍ମିଳନୀର କେନ୍ଦ୍ରବିନ୍ଦୁ ରହିଥାନ୍ତି। ସମସ୍ତ ଉତ୍କଳୀୟଙ୍କ ମଧ୍ୟରେ ଜାତୀୟ ଭାବ ଜାଗ୍ରତ କରାଇ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ଶାସନାଧୀନରେ ରଖିବା।ଏହି ସମ୍ମିଳନୀର ଲକ୍ଷ୍ୟ ସାଧନ ପାଇଁ ମଧୁବାବୁ ଆହ୍ୱାନ ଦେଇଥିଲେ –

‘ଏହି ସମ୍ମିଳନୀ ଜାତି ପ୍ରାଣ ବିନ୍ଦୁ
କୋଟି ପ୍ରାଣବିନ୍ଦୁ ଧରେ,
ତୋ’ ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁପଡ଼ି ସିନ୍ଧୁ ନୀରେ।‘

କିନ୍ତୁ କେତେକ କୁଚକ୍ରୀ ବ୍ୟକ୍ତି ମଧୁବାବୁ ଙ୍କର ଉତ୍କଳ ସମ୍ମିଳନୀରେ ଆଧିପତ୍ୟକୁ ସହ୍ୟ କରିପାରୁନଥିଲେ। ମଧୁବାବୁ ବିହାର-ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଅବୈତନିକ ମନ୍ତ୍ରୀ ଭାବେ ରହିବାକୁ ଚାହିଁଲେ। ଗଭର୍ଣ୍ଣର ଏହାକୁ ଅଗ୍ରାହ୍ୟ କରିବାରୁ ମଧୁବାବୁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ ଓ କୁଟୀର ଶିଳ୍ପର ଉନ୍ନତି ପାଇଁ ଉତ୍କଳ ଟାନେରୀ ଗଠନ କଲେ। ମଧୁବାବୁଙ୍କ ସବୁଯାଉ- ମହତ ଥାଉ ନୀତିରେ ଏହା ପରିଚାଳିତ ହେଉଥାଏ। ମଧୁବାବୁ ବିଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ବିଲାତ ଯାଇଥିଲେ। ସେଠାରୁ ସେ ବାରିଷ୍ଟରୀ ପାଶ୍ କରି ଆସିଲେ ବୋଲି ଜନସାଧାରଣରେ ଧାରଣା ଜନ୍ମିଲା। ତେଣୁ ପିଲାଏ ଗାଇଲେ –

‘ମନଦେଇ ପାଠପଢ଼ିବି,
କାଳିଆ ଘୋଡାରେ ଚଢ଼ିବି-
ମଧୁବାରିଷ୍ଟର ସଙ୍ଗେ ଲଢ଼ିବି।‘

ବାର୍ଦ୍ଧକ୍ୟ, ଧନ ଓ ସ୍ୱାସ୍ଥ୍ୟ ହାନି ସଙ୍ଗେ ଜୀବନର ଶେଷାର୍ଦ୍ଧ ପର୍ଯ୍ୟନ୍ତ ସମଗ୍ର ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ର କରି ଏକ ଶାସନାଧୀନରେ ରଖିବା ଓ ଓଡ଼ିଆଙ୍କର ସ୍ୱାଭିମାନ ରକ୍ଷା ଉଦ୍ଦେଶ୍ୟରୁ ସେ କେବେ ହେଲେ କ୍ଷାନ୍ତ ହୋଇନଥିଲେ। ତେଣୁ କୁହାଗଲା-

‘ଓଜନରେ ମଧୁ ହେବୁ ଅତେଇ ପୁସୁରି
କେମନ୍ତେ ତୁ ଏତେ ଗୁଣ ଦେହେ ଅଛୁ ଭରି।‘

ଭାରତୀୟଙ୍କ ମନରୁ ଅସନ୍ତୋଷ ବହ୍ନି ନିର୍ବାପିତ କରାଇ ଉଚ୍ଚ ଆଶା ଭରିଦେବା ପାଇଁ ସାଇମନ କମିଶନ ଗଠିତ ହୋଇଥିଲା। ଏହି କମିଶନକୁ ବର୍ଜନ କରି କମିଶନ ଫେରିଯାଅ-ଫେରିଯାଅ ବୋଲି ସ୍ଲୋଗାନ ହେଉଥାଏ। ମଧୁବାବୁ କମିଶନକୁ କଟକ ଆଣିବା ଚେଷ୍ଟାରେ ନିଷ୍ଫଳ ହୋଇ କଟକ ଟାଉନ ହଲ ସଭାରେ ଏହାକୁ ସ୍ୱାଗତ ଜଣାଇଲେ।କମିଶନ ପାଟଣା ସହରରେ ପହଞ୍ଚିବା ମାତ୍ରେ ‘ ଓଡ଼ିଶା। ଲିବରାଲ ଲିଗ ’ତରଫରୁ ସମ୍ବର୍ଦ୍ଧନା ଜଣାଇ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା। ପ୍ରଦେଶ ଗଠନ କରାଇବାକୁ ସ୍ମାରକପତ୍ର ପ୍ରଦାନ କଲେ। କମିଶନ ତରଫରୁ ‘ ଆଟଲି ସବ୍ କମିଟି ’ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ସମର୍ଥନ କଲେ। ସେତେବେଳେ ମଧୁବାବୁଙ୍କ ମନ ଆନନ୍ଦରେ ଫୁଲି ଉଠିଲା।

୧୯୩୩ ମସିହାରେ ଭାରତ ଶାସନ ସଂସ୍କାର ସଂପର୍କରେ ବ୍ରିଟିଶ ସରକାର ଏକ ଶ୍ୱ?ତପତ୍ର ପ୍ରକାଶ କଲେ। ସେଥିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଘୋଷିତ ହେଲା। ଏଥିରେ ମଧୁବାବୁଙ୍କ ଆତ୍ମା ତୃପ୍ତିଲାଭ କଲା ସେହିବର୍ଷ ଶେଷ ବେଳକୁ ମଧୁବାବୁଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଥିଲେ ମଧ୍ୟ ଓଡ଼ିଶାର ଉନ୍ନତି ସ୍ୱପ୍ନ ତାଙ୍କ ମନରେ ବରାବର ଜାଗ୍ରତ ଥିଲା। ମୃତ୍ୟୁ ଦେବତାଙ୍କର ସତର୍କ ଘଣ୍ଟି ବାଜି ଉଠିଲା। ୧୯୩୪ ମସିହା ଫେବୃଆରୀ ଚାରି ତାରିଖ ଦିନ ମଧୁବାବୁଙ୍କ ଜୀବନ ଦୀପ ଲିଭିଗଲା। ବିଜୁଳି ବେଗରେ ଏହି ଦୁଃସମ୍ବାଦ ସର୍ବତ୍ର ପ୍ରଚାରିତ ହୋଇଗଲା। ସାରା ଓଡ଼ିଶା ଗଗନ କ୍ରନ୍ଦନ ରୋଳରେ ନିନାଦିତ ହେଲା। ତତ୍ପର ଦିବସରେ ସବୁ ସଂପ୍ରଦାୟର ଜନତା ବିରାଟ ପଟୁଆରରେ ତାଙ୍କ ପ୍ରିୟଜନ ମଧୁବାବୁଙ୍କ ମର ଶରୀରର ସତ୍କାର କରିଥିଲେ। ଜନ୍ମ ଓ ମୃତ୍ୟୁ ଚିରନ୍ତନ ସତ୍ୟ। ଓଡ଼ିଶାର ମୁକୁଟ ବିହୀନ ସମ୍ରାଟ ମଧୁବାବୁ ବାଦ ପଡ଼ନ୍ତେ ବା କିପରି? ଜାତିର କୁଳବୃଦ୍ଧ, ଓଡ଼ିଶା ସ୍ୱାଭିମାନର ମନ୍ତ୍ରଦାତା ତଥା ସ୍ୱାର୍ଥ ମେଧ ଯଜ୍ଞର ପୁରୋଧା ମହାନ୍ ମହର୍ଷି ଉତ୍କଳ ଗୌରବ ମଧୁସୂଦନଙ୍କର ଦେହାନ୍ତ ଓଡ଼ିଆ ଜାତିକୁ ଦାରୁଣ ଆଘାତ ଦେଇଥିଲା। ତାଙ୍କ ମୃତ୍ୟୁରେ ମହାତ୍ମା ଗାନ୍ଧୀ, ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ, ପ୍ରଧାନମନ୍ତ୍ରୀ ନେହୁରୁଜୀ ପ୍ରଭୃତି ଜନନାୟକଗଣ ମଧୁବାବୁଙ୍କ ଗୁଣଗାନ ପୂର୍ବକ ସମବେଦନା ଜଣାଇଥିଲେ। ବହୁମୁଖୀ ପ୍ରତିଭାଧାରୀ ମଧୁବାବୁ ଥିଲେ ଓଡ଼ିଶାର ଉଚ୍ଚପଦାଧିକାରୀ ପ୍ରଥମ ସ୍ନାତକ, ପ୍ରଥମ ଏମ୍.ଏ., ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ଛୋଟଲାଟ ଓ ବଡ଼ଲାଟ ସଭାର ପ୍ରଥମ ଓଡ଼ିଆ ସଦସ୍ୟ, ପ୍ରଥମ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ।ଅଶେଷ ଗୁଣ ସଂପନ୍ନ ମଧୁବାବୁଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି ଜଣାଇ ବ୍ୟାସକବି ଫକୀରମୋହନ ଯଥାର୍ଥରେ ଗାଇଛନ୍ତି --

ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ
ଉତ୍କଳ ମାତାର ଯୋଗ୍ୟ ନନ୍ଦନ।
ଦେଲ ଉତ୍କଳକୁ ନବ ଜୀବନ
ଶିଖାଇଲ ଲୋକେ ଜାତି ବନ୍ଦନ।

କବିଙ୍କର ନିର୍ମଳ ମାତୃଭକ୍ତି, ଜନ୍ମଭୂମି ମାଟି ମା ’ ପାଇଁ ହାର୍ଦ୍ଦିକ ଅନୁରକ୍ତ, ସ୍ୱଦେଶ ପ୍ରୀତି ଓ ଜନ୍ମଭୂମି ପ୍ରତି ପ୍ରଗାଢ଼ ଅନୁରକ୍ତି ହେତୁ, ଯଥାର୍ଥରେ ସେ ଉତ୍କଳ ଗୌରବ, ଶତାବ୍ଦୀର ସୂର୍ଯ୍ୟ, ରାଷ୍ଟ୍ରୀୟ ଗୌରବ, ଦେଶପ୍ରାଣ, କୁଳବୃଦ୍ଧ, ମଧୁବାରିଷ୍ଟର ଓ ଆହୁରି କେତେ ଚିର ସମ୍ମାନିତ ହୋଇ ରହିଛନ୍ତି। ଉତ୍କଳର ପୁରପଲ୍ଲୀରେ ସେ ସର୍ବତ୍ର ଓଡ଼ିଆ ଜାତିର ପିତାମହ ତୁଲ୍ୟ କୁଳବୃଦ୍ଧ ମଧୁସୂଦନ ରୂପେ ପରିଚିତ। ମୃତ୍ୟୁ ପର୍ଯ୍ୟନ୍ତ ଆଜୀବନ ସେ ଜାତିର ଅଭ୍ୟୁତ୍ଥାନ ଓ ଭବିଷ୍ୟତ ପାଇଁ ସତତ ସଂଗ୍ରାମରତ। ଶେଷ ସମୟରେ ଅତ୍ୟନ୍ତ ଦୁର୍ବଳ ହୋଇ ରୋଗ ଶଯ୍ୟାରେ ପଡ଼ିଥିବା ସତ୍ତ୍ୱେ ମଧ୍ୟ ତାଙ୍କର ମନୋବଳ ଅତୁଟ ଥାଏ।ଅବଶ୍ୟ ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା। ସ୍ୱତନ୍ତ୍ର ପ୍ରଦେଶ ରୂପେ ଭାରତମାତାର ମାନଚିତ୍ରରେ ଶୋଭା ପାଇଲା। କିନ୍ତୁ ଏହାର ରୂପକାର ମଧୁବାବୁ କାଳର କରାଳ କବଳରେ କବଳିତ।

ମଧୁବାବୁଙ୍କ ଭଳି ନିର୍ଭିକ ଓ ସ୍ୱାଭିମାନୀ ପୁରୁଷ ସମଗ୍ର ବିଶ୍ୱ ଇତିହାସରେ ବିରଳ। ସେ ଆତ୍ମମର୍ଯ୍ୟାଦା ଓ ସମ୍ମାନବୋଧ ପ୍ରତି ଖୁବ୍ ସଜାଗ ଥିଲେ। ସେ ସର୍ବଦା କହୁଥିଲେ ଯେ ଗୋଟାଏ ଜାତି ପଛେ ସର୍ବସ୍ୱାନ୍ତ ହୋଇପାରେ ମାତ୍ର ସାଧୁତା ଓ ଆଦର୍ଶଗତ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇନପାରେ। ବିଭିନ୍ନ କ୍ଷେତ୍ରରେ ଜଣେ ଅଗ୍ରଣୀ ଓଡ଼ିଆ ଭାବେ ନିଜକୁ ପ୍ରତିଷ୍ଠା କରି ମଧୁବାବୁ ଯେତିକି ଆତ୍ମସନ୍ତୋଷ ଲାଭ କରୁଥିଲେ, ତା’ଅପେକ୍ଷା ଭାରତ ତଥା ବିଶ୍ୱରେ ଓଡ଼ିଆମାନେ ନିଜର।ଦକ୍ଷତା ପ୍ରତିଷ୍ଠା ଓ ଖ୍ୟାତି ଅର୍ଜନ କରି ଯଶସ୍ୱୀ ହେବା ଦିଗରେ ସେ ଅଧିକ ଗୁରୁତ୍ୱ ଆରୋପ କରୁଥିଲେ। ବ୍ୟକ୍ତି ତୁଳନାରେ ଜାତିକୁ ସେ ବଡ଼ ବୋଲି ଭାବୁଥିଲେ।ଦେଶବାସୀ କିପରି ଜାତି କର୍ମବୀର ହୋଇପାରିବେ ସେଥିପାଇଁ ସେ ପରାମର୍ଶ ଦେଇଛନ୍ତି। ସେଥିପାଇଁ ଓଡ଼ିଆ ଜାତିର ଅବଚେତନରେ ସେ ‘ କୁଳବୃଦ୍ଧ ରୂପେ ପ୍ରତିଷ୍ଠିତ। ମଧୁବାରିଷ୍ଟର ଓ କୁଳବୃଦ୍ଧ ମଧୁସୂଦନ ରୂପେ ସେ ଉତ୍କଳର ପୁରପଲ୍ଲୀରେ ପରିଚିତ।

*ଅଧ୍ୟାପକ ବୈଦିକ ମହାବିଦ୍ୟାଳୟ ସମ୍ବଲପୁର*

## ଏଇ ମୋ ପ୍ରିୟ ଓଡିଶା

**ଅନସୂୟା ମହାପାତ୍ର**



ସାଗର ଧୋଉଛି ଚରଣ ଯାହାର
ସେ ଆମ ପ୍ରିୟ ଓଡିଶା,
ସବୁଠି ଆଦର କାନକୁ ସୁନ୍ଦର
ଆମରି ଓଡ଼ିଆ ଭାଷା।।
ସୁଜଳା ସୁଫଳା ଶସ୍ୟରେ ଶ୍ୟାମଳା
ଖଣିଜ ସମ୍ପଦେ ଭରା,
ସୌନ୍ଦର୍ଯ୍ୟ ବିଭବ କିଛି ଊଣା ନାହିଁ
ଓଡିଶା ମାଟି ରେ ପରା।।
ତାହାରି ବୁକୁରେ ଭରି ରହିଅଛି
ଗିରି ନଦୀ ହ୍ରଦ ବନ,
ଶୋଭାର ସୁଷମା ଚିତ୍ତ ଯାଏ ପୁରି
ଦେଖେ ଯେବେ ଏ ନୟନ।।
କଳାର ଉତ୍କର୍ଷ ପୁଷ୍ପ କୁସୁମିତ
ଶ୍ରେଷ୍ଠତା ଲଭେ କୋଣାର୍କ,
ପିପିଲି ଚାନ୍ଦୁଆ ତାରକସି କାମ
ସମ୍ବଲପୁର ର ବସ୍ତ୍ର।।
ସଂସ୍କୃତି ଐତିହ୍ୟ ଗାରିମାରେ ଭରା
ଶୁଣିଲେ ଲାଗେ ଚକିତ,
ସରଳ ଜନତା ଦେଇଛି ଜୀବନ
ରଖିବାକୁ ତା ମହତ।।
ବାଜିରାଉତ ର ଅମର କାହାଣୀ
ଧରମା ତ୍ୟାଗର ଗାଥା,
ଲକ୍ଷ୍ମଣ ନାୟକ ଜୟୀ ରାଜଗୁରୁ
ଦେଇଯାଇଛନ୍ତି ମଥା।।
ଜ୍ୟୋତିର୍ବିଜ୍ଞାନରେ ପଠାଣି ସାମନ୍ତ
ଯୁଗେ ଯୁଗେ ସେ ଅମର,
ଅଗଣିତ ଆମ ସାରସ୍ୱତ ବୀର
ଧନ୍ୟ ସେ ମସି ର ଗାର।।
ଓଡ଼ିଶାର ନେତା ସ୍ୱୟଂ ଜଗନ୍ନାଥ
ତ୍ରାଣକର୍ତ୍ତା ଜନତାର,
ଆପଦୁ ବିପଦୁ ସୁରକ୍ଷା ଦିଅନ୍ତି
ଡାକ ଶୁଣି ଓଡିଆର।।
ଉତ୍କଳୀୟ ମାଟି ପୁଣ୍ୟର ସମ୍ଭାର
ପବିତ୍ର ପରମ ତୀର୍ଥ,
ରଖିବାକୁ ତାର ସମ୍ମାନ ଗୌରବ
ନେବାରେ ଆଜି ଶପଥ,
ନେବାରେ ଆଜି ଶପଥ।।

*ଯାଜପୁର*

## ବନ୍ଦେ ଉତ୍କଳ

**ସୁବ୍ରତ କୁମାର ଜେନା**



ଚାରୁ ଚିତ୍ରକଳା ଭାଷାର ମାଧୁର୍ଯ୍ୟ
କି ସୁନ୍ଦର ଏ ଉତ୍କଳ ଭୂଇଁ
ଅଙ୍ଗ ଅଙ୍ଗେ ଭରା ସଂସ୍କୃତିର ଲେପ
ସବୁରି ମନକୁ ଯାଏ ଛୁଇଁ ।
ଜଗତର ନାଥ ଆହେ ଜଗନ୍ନାଥ
କୋଟି ଓଡ଼ିଆର ପ୍ରାଣ
ତୁମରି ଆଶିଷ ପାଇ ହୁଏ ହର୍ଷ
କରେ ସଦା ତବ ଜଣାଣ ।
ମନ୍ଦିର ମାଳିନୀ ଜଗତ ଜନନୀ
ତୋ ସନ୍ତାନ ହୋଇ ଧନ୍ୟ
ପ୍ରେମ ଭାତୃଭାବ ବିରାଜୁ ସଦାହେ
ଏତିକି ଆମରି କାମ୍ୟ ।
ପଥରରୁ ଶୁଭେ ଶ୍ରମ ଓଡ଼ିଆର
ଉତ୍କଳର ଟେକ ପାଇଁ
ଭୁଲିଗଲ କିହେ କାଞ୍ଚି ଅଭିଯାନ
ମା’ର ସମ୍ମାନ ପାଇଁ ।
ଭୁଲିଯିବା ମନୁ ଜାତି ପ୍ରଥା ଭେଦ
ଧନୀ ଗରୀବର ରେଖା
ଏକ ମନ ପ୍ରାଣ ହୋଇବା ସଭିଏଁ
ଇତିହାସେ ହେବା ଲେଖା ।
ତୁହି ଉଡ୍ର ପୁଣି ତୁହିଜେ କଳିଙ୍ଗ
ପୁଣି ଅଟୁ ମା ଉତ୍କଳ
ଆଜିର ଏଦିନେ ଓଡିଶା ଭାବରେ
ମନାଶୁ ଜଗତ ମଙ୍ଗଳ ।
ମନ୍ଦିରର ଘଣ୍ଟି ସକାଳ ଆଳତୀ
ଅର୍ଘ୍ୟ ଯେତେ ପୁଷ୍ପ ଫଳ
ହୃଦୟରୁ ଗାଏ ତୋହରି ବନ୍ଦନା
ଜୟ ଉତ୍କଳ ଜୟ ଉତ୍କଳ ।

**ଶୁରଡିହ, ନନ୍ଦିପୁର,ଯାଜପୁର**
**ଦୂରଭାଷ -୯୭୭୬୨୦୮୯୩୦**

## ଉତ୍କଳ ଜନନୀ

**ଉମେଶ ଚନ୍ଦ୍ର ପାତ୍ର**



ଭାରତ ସରୋବର ସୌନ୍ଦର୍ଯ୍ୟବର୍ଦ୍ଧିନୀ
ସାରସ – ମୋ ଉତ୍କଳ ଜନନୀ ।
‘ ଉତ୍କଳର ନେତା ସ୍ୱୟଂ ନାରାୟଣ‘–
ଥିଲା ଯା’ର ବାଣୀ
ଏ ଜାତିର ମରକତ ମଣି
ନିରବଚ୍ଛିନ୍ନ ପ୍ରାଣ ପ୍ରବାହ ସେ
ସତ୍ୟାନ୍ୱେଷୀ, ନିଃସ୍ୱାର୍ଥ .ଉତ୍କଳମଣି ।
ସ୍ମୃତି ଉଜ୍ଜୀବିତ ’ଉତ୍କଳ ସମ୍ମିଳନୀ’
ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରି
ସ୍ୱାର୍ଥକୁ ଆହୁତି ଦେବାର ଡାକରା
ଆନ୍ଦୋଳିତ ପ୍ରତିଟି ହୃଦୟ
ମଧୁବାବୁଙ୍କ ସ୍ୱାଭିମାନ ଜଗତବନ୍ଦ୍ୟ
ତ୍ୟାଗର ଅଲିଭା ପ୍ରଦୀପ –
ଶ୍ରୀରାମଚନ୍ଦ୍ର ଭଞ୍ଜ
ଗଜପତି କୃଷ୍ଣଚନ୍ଦ୍ର
ଜନନୀର ସମ୍ମାନ ଓ ଭାଷାର ସୁରକ୍ଷା
ଭାର ବହିଲେ କାନ୍ଧ ? ବିଜ୍ଞ ଗଙ୍ଗାଧର
ସେନାପତି ଫକୀରମୋହନ ।
ମୋ ମାଟିର ମାଆ ରମାଦେବୀ
ସଙ୍ଗେ ଧରି କେତେ ନାରୀ ବ୍ରତୀ
ଚୂର୍ଣ୍ଣ କଲେ ଦାମ୍ଭିକ ବ୍ରିଟିଶର ଶକ୍ତି ।
ମୋ ମାଟିର ରକ୍ଷାକର୍ତ୍ତ୍ରୀ ଖମ୍ବେଶ୍ୱରୀ
ମାତା କାମ୍ପିଲ୍ୟ ବାସିନୀ ( ସୁଭଦ୍ରା )
ମାତା ଚଣ୍ଡୀ ... ମା’ ସମଲେଶ୍ୱରୀ ।
ସେହି ଉଡ୍ର ,ବିଷୟ ,କଳିଙ୍ଗ , ଉତ୍କଳ
ମୋ ଓଡିଶା
ହୃଦୟେ ଭରିଛି କେତେ ବୀରଗାଥା
ସେଦିନ ଲକ୍ଷ ଲକ୍ଷ ବୀରଙ୍କ ରକ୍ତରେ
ଭାସିଗଲା ଦମ୍ଭ ,
ଚୂର୍ଣ୍ଣ ହେଲା ସମ୍ରାଟ ଅଶୋକର ଗର୍ବ
ଜାତିପ୍ରେମୀ କଳିଙ୍ଗୀର ଆତ୍ମତ୍ୟାଗ
ବୁଣିଥିଲା ଅହିଂସାର ବୀଜମନ୍ତ୍ର ବିଶ୍ୱେ
ଶହୀଦ ଲକ୍ଷ୍ମଣ ନାୟକ ରଘୁଦିବାକର
ମାଧୋ ସିଂ , ହଟ୍‌ଟୋ ସିଂ,
ସଂଗ୍ରାମୀ ବୀର ସୁରିନ୍ଦର
ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ,
ଦଳବେହେରା ତାପଙ୍ଗଗଡର
ବଳିଦାନ ଆଣିଛି ଗୌରବ
ଜୟଗାନେ ଉତଫୁଲ୍ଲିତ ନଭ ।
ପ୍ରଣାମ ତବ ପବିତ୍ର ପୟର
ମାତୃଭୂମିର ଲକ୍ଷ ଲକ୍ଷ ବୀର ।
ମାଟିର ଚାରୁଚିତ୍ର ରୂପପାଏ ଯତ୍ନରେ
ଗଙ୍ଗାଧର ’ଉତ୍କଳ ଲକ୍ଷ୍ମୀ’ରେ ।
ଆଜି ବି ଶୁଭୁଛି ଆହ୍ୱାନ
ବାରପାହାଡରୁ ବୀରର ଗର୍ଜନ
ବରୁଣେଇ ପାଦଦେଶରୁ ହୁଙ୍କାର
ପାଇକ ପୁଅର
ଢାଲ ତରବାରିର ସ୍ୱର୍ଦ୍ଧିତ ଝଙ୍କାର ।
ଜାତିର ସୁରକ୍ଷାର ଦାୟିତ୍ୱ କର୍ତ୍ତବ୍ୟ
ଜଣ ନୁହେଁ , ସଦା ଗଣଙ୍କ ଉଦ୍ୟମ
ରଖିବାକୁ ଉତ୍କଳ ସମ୍ମାନ
ଦେଖିବାକୁ ମା’ର ଅଖଣ୍ଡ ସ୍ୱରୂପ
ପ୍ରତି ହୃଦୟେ ହେଉ ପ୍ରତିଧ୍ୱନିତ
ମା’ ମାଟି ବିକାଶ ସଂକଳ୍ପ ।

*ଛଟିଆ , ଯାଜପୁର*
*ମୋ – ୯୮୫୩୫୯୪୩୨*




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା



**ଆ**ଜି ଉତ୍କଳ ଦିବସ। ଏକ ଜାତି, ରାଜ୍ୟ ସର୍ବୋପରି ଆମ ସମସ୍ତଙ୍କ ପାଇଁ ସ୍ୱାଭିମାନ, ଆତ୍ମ ସମ୍ମାନ, ଆତ୍ମ ମନ୍ଥନ, ଆତ୍ମ ଚିନ୍ତନର ଦିନଟି। ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ୍ ଅଟ୍‌ଲୀ ମଧ୍ୟ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ।




କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା। ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା। କୋର୍ଟ କଚେରୀଗୁଡ଼ିକରେ ଓକିଲାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ। ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ ଅନ୍ୟତମ। ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା।

**ବିପିନବିହାରୀ ରାଉତ**, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩, E-mail : bipinrout@rediffmail.com

## ଜଙ୍ଗଲ ସୁରକ୍ଷା ଓ ବନାଗ୍ନି ପ୍ରତିରୋଧ ସଂପର୍କରେ ସଚେତନତା ଶିବିର




ଚଣ୍ଡିଖୋଲ (ପି.ଏନ୍)-ଡ଼ାଳିଯୋଡ଼ା ବନାଂଚଳ ରେଂଜ୍ ବୈରୀ ଦ୍ୱାରା ବଡ଼ଚଣା ବ୍ଲକ୍ ଦର୍ପଣ ପଂଚାୟତର ସଂଜୟ ନଗର ଠାରେ ଜଙ୍ଗଲ ସୁରକ୍ଷା ଓ ବନ୍ୟାଗ୍ନି ପ୍ରତିରୋଧ ସଂପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ, ରେଂଜ୍ ଅଫିସର୍ ଅଭିରାମ ଜେନା, ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମିନତୀ ସେନାପତି, ଭାଇସ୍ ଚେୟାରମ୍ୟାନ୍ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକ, ସରପଂଚ ଯଯାତୀ କେଶରୀ ରାଉତ, ରଂଜନ ଦାସ, ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏ.ସି.ଏଫ୍ ମନୋରଂଜନ ସ୍ୱାଇଁ ଆନୁଷ୍ଠାନିକ ଭାବେ ସଚେତନତା ଶିବିରକୁ ଉଦଘାଟନ କରିଥିଲେ। ସଚେତନତା ଶିବିରରେ ଉଦୀୟମାନ କଳା ପରିଷଦର ଛାତ୍ରଛାତ୍ରୀ ଓ କାର୍ଯ୍ୟକର୍ତ୍ତା, ମା' ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରଚଣ୍ଡ ରୌଦ୍ର୍ୟତାପ ସମୟରେ ବାରୁଣୀବନ୍ତ ପର୍ବତରେ ଥିବା ଜଙ୍ଗଲ ଓ ପଶୁମାନଙ୍କର କିଭଳି ଭାବେ ସୁରକ୍ଷା ଦିଆଯାଇ ପାରିବ ସେଥିପାଇଁ ସମସ୍ତେ ସଚେତନତା ହେବା ଆବଶ୍ୟକତା ରହିଛି। ଜଙ୍ଗଲରେ ଥିବା ଗଛଗୁଡ଼ିକ କିଭଳି କଟାଯାଇ ନପାରିବ ଓ ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ସମସ୍ତେ ପ୍ରଚେଷ୍ଟା ଜାରୀ ରଖିବାର ଆବଶ୍ୟକତା ରହିଛି। ଜଙ୍ଗଲକୁ ବଂଚାଇବାକୁ ହେଲେ ଆମର ତ୍ୟାଗ ଓ କର୍ତ୍ତବ୍ୟ ଏକାନ୍ତ ଜରୁରୀ, ଏ ଅଂଚଳରେ ଥିବା ସମସ୍ତ ଆଦିବାସୀ ଓ ଦଳୀତ ବର୍ଗର ମା, ଭଉଣୀମାନେ ଜଙ୍ଗଲ ପ୍ରତି ଦୃଷ୍ଟି ଦେବା ଦରକାର। କୌଣସି ବ୍ୟକ୍ତି ଜଙ୍ଗଲରେ ଥିବା ଶୁଖିଲା ଗଛ ପାଖରେ ପତ୍ରରେ ନିଆଁ ନ ଲାଗାଇବା ପାଇଁ ପରାମର୍ଶ ଦେଇଥିଲେ। ସେଠାରେ ଉଦୀୟମାନ କଳା ପରିଷଦ ପକ୍ଷରୁ ଛୋଟ ଛୋଟ ପିଲାଙ୍କୁ ନେଇ ସଂଗୀତ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମା ନଡ଼ିଆ ରାଣୀ ବନ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତାମାନେ ଜଙ୍ଗଲ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ସେଠାରେ ବିଧାୟକ ଶ୍ରୀ ଶତପଥି ବିଭିନ୍ନ ସୁରକ୍ଷା ସମିତିର କର୍ମକର୍ତ୍ତାମାନଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ବହୁ ସଂଖ୍ୟାରେ ଆଦିବାସୀ ମହିଳାମାନେ ଆନନ୍ଦିତ ହୋଇ ଅଦିବାସୀ ପରମ୍ପରାର ନାଚ-ଗୀତ ପରିବେଷଣ କରିଥିଲେ। ଶେଷରେ ବନପାଳ ଶଶିକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏପ୍ରିଲ ଫୁଲ୍



**ସା**ରା ବିଶ୍ୱ, ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରତିବର୍ଷ ଏପ୍ରିଲ ପହିଲାକୁ ଏପ୍ରିଲ ଫୁଲ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନରେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ, ସହକର୍ମୀ, ସହପାଠୀ, ପଡ଼ୋଶୀ ଆଦିଙ୍କ ସହ ଥଟ୍ଟାମଜା, ବୋକାମୀ ଭରା କାର୍ଯ୍ୟ କରାଯାଇଥାଏ। କେତେକ ଦେଶରେ ଦିନର ପ୍ରଥମାର୍ଦ୍ଧରେ ଏହି ଦିବସ ପାଳନ କରାଯାଇଥିବା ବେଳେ ନ୍ୟୁଜିଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରରେ ଅପରାହ୍ଣ ପର୍ଯ୍ୟନ୍ତ ଥଟ୍ଟାମଜା ଚାଲିଥାଏ। ଜଣେ ଅନ୍ୟ ଜଣଙ୍କୁ ବୋକା ବା ଫୁଲ୍ ବନାଉଥିବାରୁ ଏହି ଦିନକୁ ଏପ୍ରିଲ ଫୁଲ ଦିବସ ବୋଲି କୁହାଯାଇଥାଏ। ଗ୍ରେଗୋରୀ କ୍ୟାଲେଣ୍ଡର ପ୍ରଚଳିତ ହେବା ପୂର୍ବରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ମାସ ପ୍ରଥମାର୍ଦ୍ଧକୁ ନୂଆ ବର୍ଷ ଭାବେ ପାଳନ କରାଯାଉଥିଲା। ମାତ୍ର ଗ୍ରେଗୋରୀ କ୍ୟାଲେଣ୍ଡର ଆସିବା ମାତ୍ରେ ନୂଆ ବର୍ଷ ଜାନୁଆରୀ ପହିଲାରେ ପଡ଼ିଲା। ବୋଧହୁଏ ପୁରୁଣା ନୂଆବର୍ଷ ପଡୁଥିବା ସମୟରେ ଏକ ବିଶେଷ ଦିବସ ପାଳନ ପାଇଁ ଏପ୍ରିଲ ଫୁଲ ପାଳନ କରାଯିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଇଥାଏ।

ପ୍ରତିବର୍ଷ, ନିର୍ଦ୍ଦିଷ୍ଟ ଏକ ଦିନରେ ଆପଣଙ୍କୁ ଫୋନ ଦ୍ୱାରା ହେଉ ବା କୌଣସି କାଳ୍ପନିକ ଘଟଣାବଳୀର କ୍ରମରେ ନିଜର କେହି ଜଣେ ପରିଚିତ, ବନ୍ଧୁ ବା ଆତ୍ମୀୟ ବା ଜଣାଶୁଣା ଲୋକଟି କିଛି ଭ୍ରମାତ୍ମକ ତଥ୍ୟ ଦେଇ ଆପଣ ବିବ୍ରତ ହୋଇପଡ଼ିବା ମାତ୍ରେ ସେ ଆପଣଙ୍କୁ ହସି ହସି କହିବେ ଯେ, ବନ୍ଧୁ ଆପଣ ଅପ୍ରେଲଫୁଲ ହୋଇଗଲେ। ତେବେ ସମଗ୍ର ବିଶ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ର ମାନଙ୍କରେ ଏପରି ଲଘୁ ପରିହାସ ଆମ ଭାରତୀୟ ସଂସ୍କୃତିକୁ ଭାରାକ୍ରାନ୍ତ ବି



କଲାଣି। କୌଣସି ଭଲ ଗୁଣ ବା ଅଭ୍ୟାସକୁ ପାଥେୟ ନକରି ଆମ୍ଭେମାନେ ଅନ୍ୟର କୁଗୁଣକୁ ବେଶ ଲକ୍ଷ୍ୟଣୀୟ ଭାବରେ ଗ୍ରହଣ କରିଥାଉ ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଏହି ତଥାକଥିତ ଅପ୍ରେଲଫୁଲ। ତେବେ ସବୁଠାରୁ ଦୁଃଖଦ ଚିନ୍ତନଟି ହେଉଛି ଅପ୍ରେଲ ପହିଲା ଆମ ଓଡ଼ିଶାର ସ୍ମୃତି ସ୍ମାରକୀ ଉତ୍କଳ ଦିବସଟି ହୋଇଥିଲେ ବି ଏହି ଦିନରେ ଆମ୍ଭେମାନେ ନିଜ ମାତୃଭୂମି ବା ମାତୃଭାଷା ପ୍ରତି ଶ୍ରଦ୍ଧା ସମର୍ପଣ ପାଇଁ କୌଣସି ଚିନ୍ତନ ବା ନିଜର ଦାୟିତ୍ୱ ବୋଧତାର ଶପଥ ନନେଇ ବରଂ ସମୟ ସୁଅରେ ଭାସିଯାଇ ଅନ୍ୟ ଜଣକୁ ଅପ୍ରେଲଫୁଲ କରି ନିଜକୁ ବେଶ୍ ବାହାବା ନେଇଥାଉ। ଏହାଦ୍ୱାରା ଆମେ କେତେ ଚତୁର ଓ ଫୁଲ ବା ବୋକା ବନାଇଥିବା ବ୍ୟକ୍ତିଟି ଯିଏ କେହି ବି ହେଉ ତାର ନିର୍ବୋଧତାକୁ ପରିହାସ କରିବା ପଛରେ ଆମ ମାନଙ୍କର ନୈତିକ ଅବକ୍ଷୟତାର ଚିହ୍ନଟିକୁ କିନ୍ତୁ ଭୁଲିଯାଇଥାଉ। ଏହି ଅପ୍ରେଲଫୁଲ ଏପରି ଏକ ନୂଆ ଉନ୍ମାଦନାର ଭାବନା ସୃଷ୍ଟି କଲାଣି ଯେ, ପରିହାସ ଭିତରେ ଜଣଙ୍କର ବିବ୍ରତତା ବା ମାନସିକ ଭାରସାମ୍ୟ ହରାଇବାର ଦୁଃଖଦ ମୁହୂର୍ତ୍ତଟିକୁ ଆମେ ଭୁଲିଯାଉ। ଧରାଯାଉ ଜଣକୁ ଆମେ କହିବୁ 'ସାଙ୍ଗ ଆଜି ତମ ଗାଁରେ ନିଆଁ ଲାଗିଯାଇଛି, ସେ ତତ୍କ୍ଷଣାତ ବିବ୍ରତ ହୋଇ ନିଜ ପରିବାର ଲୋକଙ୍କୁ ଫୋନ କଲାପରେ ପରବର୍ତ୍ତୀ ସମୟରେ ଆମେ ତାଙ୍କୁ ଫୋନ କରି ପରିହାସରେ କହିଥାଉ ଦେଖିଲ ସାଙ୍ଗ ଆମେ ତମକୁ ଅପ୍ରେଲଫୁଲ କରିଦେଲୁ!' ପରିହାସ ଭିତରେ ଆମେ କିଛିକ୍ଷଣ ପାଇଁ ସେହି ଲୋକଟିର କେତେ ଯେ କ୍ଷତି କରିବସିଲୁ ତାହା କିନ୍ତୁ ଭୁଲିଯାଉ। ଅବଶ୍ୟ ଆମେ ନିଜେ ଯେ ବୋକା ନୁହେଁ ତାହା ଭାବିବା ଭୁଲ। ଏହି ଲେଖକ ବିନମ୍ରତାର ସହ କହିବ ଆମେ କେତେଜଣ ଏହି ସମାଜରେ ଉତ୍କଳ ଦିବସର ପ୍ରାସଙ୍ଗିକତା ବିଷୟରେ କହିପାରିବା? କେତେଜଣ ଜାଣିଛନ୍ତି ଯେ ଆମ ରାଜ୍ୟ ଉତ୍କଳ ସ୍ୱତନ୍ତ୍ରତା ପାଇବା ପାଇଁ କେଉଁ ମହାପୁରୁଷଙ୍କ ଅବିସ୍ମରଣୀୟ ଅବଦାନ ରହିଛି? କିନ୍ତୁ କ୍ରିକେଟ କ୍ୟାପଟେନ ଧ୍ୱନୀଙ୍କ ସ୍ତ୍ରୀଙ୍କ ନାମଟା ଆମେ ଭଲଭାବେ ଜାଣିଛୁ। ସଲମନ ଖାଁଙ୍କ ବୟସ କେତେ ଆଉ ତାଙ୍କ ପ୍ରେମିକା କିଏ ଥିଲେ ସେ ଲିଷ୍ଟ ପୁରା ଆମ ମୁହଁରେ କିନ୍ତୁ ସାଧାରଣଜ୍ଞାନ ହିସାବରେ ଭାରତ କେବେ ସ୍ୱାଧୀନତା ପାଇଥିଲା କେତେ ଜଣ କହିପାରିବେ? ପାଶ୍ଚାତ୍ୟ ସଂସ୍କୃତିର ସୁଅରେ ନିଜକୁ ହଜାଇ ଦେଇ ଆମ୍ଭେମାନେ କିଛି ମୁହୂର୍ତ୍ତପାଇଁ ହୁଏତ ପରିହାସ ଆଉ କାହାକୁ ନୁହେଁ ନିଜ ବିବେକ ଆଉ ନିଜକୁ ହିଁ କରୁଛେ।

ସାରା ବିଶ୍ୱ, ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରତିବର୍ଷ ଏପ୍ରିଲ ପହିଲାକୁ ଏପ୍ରିଲ ଫୁଲ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନରେ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ, ସହକର୍ମୀ, ସହପାଠୀ, ପଡ଼ୋଶୀ ଆଦିଙ୍କ ସହ ଥଟ୍ଟାମଜା, ବୋକାମୀ ଭରା କାର୍ଯ୍ୟ କରାଯାଇଥାଏ । କେତେକ ଦେଶରେ ଦିନର ପ୍ରଥମାର୍ଦ୍ଧରେ ଏହି ଦିବସ ପାଳନ କରାଯାଇଥିବା ବେଳେ ନ୍ୟୁଜିଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଆଦି ରାଷ୍ଟ୍ରରେ ଅପରାହ୍ଣ ପର୍ଯ୍ୟନ୍ତ ଥଟ୍ଟାମଜା ଚାଲିଥାଏ। ଜଣେ ଅନ୍ୟ ଜଣଙ୍କୁ ବୋକା ବା ଫୁଲ୍ ବନାଉଥିବାରୁ ଏହି ଦିନକୁ ଏପ୍ରିଲ ଫୁଲ ଦିବସ ବୋଲି କୁହାଯାଇଥାଏ। ଗ୍ରେଗୋରୀ କ୍ୟାଲେଣ୍ଡର ପ୍ରଚଳିତ ହେବା ପୂର୍ବରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ମାର୍ଚ୍ଚ ମାସ ଶେଷ କିମ୍ବା ଏପ୍ରିଲ ମାସ ପ୍ରଥମାର୍ଦ୍ଧକୁ ନୂଆ ବର୍ଷ ଭାବେ ପାଳନ କରାଯାଉଥିଲା। ମାତ୍ର ଗ୍ରେଗୋରୀ କ୍ୟାଲେଣ୍ଡର ଆସିବା ମାତ୍ରେ ନୂଆ ବର୍ଷ ଜାନୁଆରୀ ପହିଲାରେ ପଡ଼ିଲା। ବୋଧହୁଏ ପୁରୁଣା ନୂଆବର୍ଷ ପଡୁଥିବା ସମୟରେ ଏକ ବିଶେଷ ଦିବସ ପାଳନ ପାଇଁ ଏପ୍ରିଲ ଫୁଲ ପାଳନ କରାଯିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଇଥାଏ। ଅପ୍ରେଲଫୁଲ ଦିବସ ନପାଳି ଆମ୍ଭେମାନେ ଯଦି ଆମ ନିଜ ମାତୃଭାଷା ନିଜ ମାତୃଭୂମି ପ୍ରତି ଦାୟିତ୍ୱବୋଧତାର ଚିନ୍ତନକୁ ବଢ଼ାଇବା ପାଇଁ ଶପଥ ନିଅନ୍ତେ ତାହାଲେ ଏ ଜାତି, ଏ ରାଜ୍ୟ ନିଶ୍ଚୟ ପ୍ରଗତିରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରନ୍ତା କିନ୍ତୁ ତାହା ନହୋଇ ନିଜେ ବାହାଦୁରୀ ଭାବି ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଅବହେଳା କରୁଥିଲେ ତାହା ଆମ ନିଜର କ୍ଷତି ବୋଲି ତାହା ଭାବିବା କଥା। ପ୍ରତିଦିନ ଆମେ ଯେତିକି ଶବ୍ଦ କଥାବାର୍ତ୍ତା ହେଉଛେ ତାହା ଭିତରୁ ଅଧିକାଂଶ ଶବ୍ଦ ଥାଏ ଇଂଗ୍ରାଜୀ ଶବ୍ଦ। ତାହାବୋଇଲେ ଏ ଲେଖକ ଇଂଗ୍ରାଜୀ ଭାଷାକୁ ବିରୋଧ କରୁନାହିଁ। ଆମ ମାତୃଭାଷା ହେଉଛି ଓଡ଼ିଆ ଆଉ ଆମ ମାତୃଭୂମି ଏହି ଓଡ଼ିଶାରେ କଳା, ସଂସ୍କୃତି, ସାମାଜିକ ଜନଜୀବନ ଓ ଆଧ୍ୟାତ୍ମିକତା କେଉଁଥିରେ ବି କମ୍ ନାହିଁ। କୋଟି କୋଟି ଓଡ଼ିଆଙ୍କ ହୃଦୟେଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ସ୍ଥଳୀ ଏହି ଓଡ଼ିଶାରେ। କୋଣାର୍କର ସୂର୍ଯ୍ୟମନ୍ଦିର ହେଉ ବା ବୌଦ୍ଧ କ୍ଷେତ୍ର ଉଦୟଗିରି-ରତ୍ନଗିରି-ଲଳିତଗିରି, ଶିମିଳିପାଳ ହେଉ ବା ସାତକୋଶିଆ ଜୈବବିବିଧତାରେ ପୃଥିବୀର କୌଣସି ଉତ୍କର୍ଷତାପୂର୍ଣ୍ଣ କ୍ଷେତ୍ରଠାରୁ ବି କମ୍ ନୁହେଁ। ଆଉ ଏହି ରାଜ୍ୟରେ କଳିଙ୍ଗ ବୀର ବିଜୁପଟ୍ଟନାୟକ ଜନ୍ମ ହୋଇଥିଲେ ଯାହାଙ୍କୁ ଇଣ୍ଡୋନେସିଆର ଭୂମିପୁତ୍ର କୁହାଯାଏ। ଏସବୁ ସତ୍ତ୍ୱେ ବି ଏ ଜାତି ଆଜି ନିଜ ଗୌରବକୁ ବଢ଼ାଇବା ପାଇଁ ଚେଷ୍ଟା ନକରି ବରଂ ପାଶ୍ଚାତ୍ୟ ଶୈଳୀରେ ନିଜକୁ ଭସେଇ ଅପ୍ରେଲଫୁଲର ବାୟାରେ ଚାଲିଛି। ଆଜିପରି ପବିତ୍ର ଦିନରେ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ନିଜ ଦାୟିତ୍ୱବୋଧତାର ଶପଥର ଦିନ ହେଉ ଏହା ହିଁ କାମନା।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

## ଅଗ୍ନିକାଣ୍ଡରେ ୨ଟି ପରିବାର ସର୍ବସ୍ୱାନ୍ତ



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ସିଂଘାପଡା ପଂଚାୟତର କୁବିହାରୀପ୍ରସାଦ ଗ୍ରାମରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି କାର୍ତିକ ନାଏକ ଓ କେଶବ ନାଏକଙ୍କର ୨ ବଖରା ଝାଟିମାଟି ଚାଳ ଛପର ଘର ପୋଡିଯାଇଛି । ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଯୋଗୁଁ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଘର ମଧ୍ୟରୁ ଧାନ, ଚାଉଳ, ଲୁଗାପଟା ଓ ଆସବାପତ୍ର ଆଦି ଆନୁସଙ୍ଗିକ ସାମଗ୍ରୀଗୁଡିକ ଉଦ୍ଧାର କରିପାରି ନ ଥିବା ଜଣାଯାଇଛି । ଖବର ପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ଏଇ ଦୁଇ ପରିବାର ଏବେ ସାଇପଡିଶାଙ୍କ ବାରଣ୍ଡାରେ ଆଶ୍ରୟ ନେଇଥିବା ଜଣାପଡିଛି । ଖବରପାଇ ସିଂଘାପଡା ସରପଂଚ ସୁନିଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଂଚି ବିପନ୍ନ ପରିବାରଦ୍ୱୟଙ୍କୁ ଭେଟି ଚୁଡା, ଚାଉଳ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ୨ଟି ପରିବାରକୁ ତୁରନ୍ତ ସହାୟତା ରାଶି ପ୍ରଦାନ ନିମନ୍ତେ ଖଣ୍ଡପଡା ତହସିଲ ପ୍ରଶାସନ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି ।

## ଭୁବନେଶ୍ୱରରେ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ସଫଳ ହୋଇଛି

ଭୁବନେଶ୍ୱର (ପିଏନ୍): ନରେନ୍ଦ୍ର ମୋଦୀ ସରକାରଙ୍କର ଜନବିରୋଧୀ ଏବଂ ଶ୍ରମିକ ବିରୋଧୀ ନୀତି ବିରୋଧରେ ଶ୍ରମଜୀବୀ ଜନଗଣଙ୍କ ଅଧିକାର ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ଡାକରାରେ ୨୮-୨୯ ମାର୍ଚ୍ଚରେ ଆହୂତ ଦେଶବ୍ୟାପୀ ସାଧାରଣ ଧର୍ମଘଟ/ହରତାଳ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ସଫଳ ହୋଇଛି ବୋଲି ସି.ପି.ଆଇ. (ଏମ୍) ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ସଂଗଠିତ ହୋଇଥିବା ଦୁଇଦିନିଆ ଧର୍ମଘଟରେ ରିଜର୍ଭ ବ୍ୟାଙ୍କ, ନାଲକୋ କର୍ପୋରେଟ୍ ଅଫିସ୍, ରେଳଷ୍ଟେସନ୍, ରେଳ ସଦନ, ଇଣ୍ଡିଆନ ଅଏଲ୍ କର୍ପୋରେସନ୍‌ର ରାଜ୍ୟ ମୁଖ୍ୟ ଅଫିସ୍, ବି.ଏସ୍.ଏନ୍. ଏଲ୍. ମୁଖ୍ୟ ଅଫିସ୍, ଜୟଦେବ ବିହାର ଓଭର ବ୍ରିଜ୍ ଜାତୀୟ ରାଜପଥ, ଡୁମୁଡୁମା ଛକ ଏବଂ ଓ.ୟୁ.ଏ.ଟି. ଛକ ଇତ୍ୟାଦି ସ୍ଥାନରେ ସି.ଆଇ.ଟି.ୟୁ. ଏବଂ ସି.ପି.ଆଇ.(ଏମ୍) ନେତୃତ୍ୱରେ ଶତାଧିକ କର୍ମୀ ପିକେଟିଂ କରିଥିଲେ । ଏହି ଆନ୍ଦୋଳନରେ ସି.ଆଇ.ଟି.ୟୁ.ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପ ସଭାପତି ଅଭିରାମ ବେହେରା, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ମହିଳା ନେତ୍ରୀ ପୁଷ୍ପା ଦାଶ, ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସଭାପତି ସରୋଜ ନାୟକ, ସମ୍ପାଦକ ଯତୀନ୍ ମହାନ୍ତି, ଆଦିବାସୀ ନେତା ସାଲ ମାର୍ଣ୍ଡି, ଚାମ୍ପରୁ ସୋରେନ୍, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ଯୁଗ୍ମ ସମ୍ପାଦିକା ମିନତୀ ପାଣିଗ୍ରାହୀ, ସି.ଆଇ.ଟି.ୟୁ.ର ଭୁବନେଶ୍ୱର ସଂଯୋଜକ ପ୍ରଦୀପ୍ତ ନାୟକ, ସମ୍ପାଦକ ସୁରେଶ ରାଉତରାୟ, ଯୁଗ୍ମ ସମ୍ପାଦକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ ଶ୍ରମିକ ନେତା ରମେଶ ଜେନା, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢୀ, ସତ୍ୟ ମହାପାତ୍ର, ବସନ୍ତ ସାହୁ, ପଞ୍ଚାନନ ମହାରଣା, ସତ୍ୟନାରାୟଣ ନାୟକ, ବିମଳୀ ନାୟକ ପ୍ରମୁଖ ବହୁ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ । ଏହି ହରତାଳକୁ ସମର୍ଥନ ଜଣାଇ କୃଷକ, କୃଷି ଶ୍ରମିକ, ମହିଳା, ଯୁବ, ଛାତ୍ର, ଆଦିବାସୀ ଏବଂ ଦଳିତ ପ୍ରଭୃତି ସଂଗଠନମାନେ ସାମିଲ ହୋଇଥିଲେ । ସି.ପି.ଆଇ.(ଏମ୍) ସମେତ ସମସ୍ତ ବାମପନ୍ଥୀ ରାଜନୈତିକ ଦଳ ଗୁଡିକ ଏହି ଆନ୍ଦୋଳନରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିଥିଲେ । ଧର୍ମଘଟର ଅଭୁତ ପୂର୍ବ ସଫଳତା ପାଇଁ ରାଜ୍ୟବାସୀ ଏବଂ ରାଜ୍ୟର ଶ୍ରମଜିବୀ ଜନସାଧାରଣଙ୍କୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୟୁରୋକିଡସ ପ୍ଲେସ୍କୁଲରେ ପିଲାଙ୍କ ସ୍କୁଲ ପ୍ରବେଶ : ବାରିପଦାରେ ପ୍ରଥମ କରି ଖୋଲିଲା ଅନ୍ତର୍ଜାତୀୟ ପ୍ଲେସ୍କୁଲ ୟୁରୋକିଡସ

ବାରିପଦା,(ପି.ଏନ): ବାରିପଦାରେ ପ୍ରଥମ କରି ଖୋଲିଥିବା ୟୁରୋକିଡସ ପ୍ଲେସ୍କୁଲ ରେ ଆଜି ପିଲାଙ୍କର ସ୍କୁଲ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାରିପଦା ବାଘଡାରୋଡ ସ୍ଥିତ ସ୍କୁଲ ପ୍ରାଙ୍ଗଣରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ଶ୍ରୀକାନ୍ତ ରାଉତ ଉପସ୍ଥିତ ରହି କୁନିକୁନିପିଲାଙ୍କ ସହ ସେମାନଙ୍କର ଅଭିଭାବକ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଏହି ଅନ୍ତର୍ଜାତୀୟ ସ୍ତରିୟ କିଡସ ସ୍କୁଲରେ ପିଲାଙ୍କ ଖେଳ ଓ ପାଠପଢା ପାଇଁ ଉନ୍ନତ ମାନର ଖେଳ ଓ ଶିକ୍ଷା ସରଂଜାମ ରହିଥିବା ସହ ତାଲିମ ପ୍ରାପ୍ତ ଶିକ୍ଷା କର୍ମୀ ଓ ଆୟା ମାନଙ୍କ ଦ୍ୱାରା ପିଲାଙ୍କୁ ଖେଳକୌତୁକ ମାଧ୍ୟମରେ ଶିକ୍ଷାଲାଭ କରାଇବାର ଏକ ଉତମ ପରିବେଶ ରହିଛି ବୋଲି କହିଥିଲେ । ଏହି ଅବସର ରେ ଅଭିଭାବକ ମାନେ ନିଜନିଜ ପିଲାଙ୍କ ସହ ସେଲଫି ଜୋନରେ ସେଲଫି ଉଠାଇବା ସହ ୟୁରୋକିଡସ ପରି ଅନ୍ତର୍ଜାତୀୟ ପ୍ଲେସ୍କୁଲ ବାରିପଦାରେ ପ୍ରଥମ ଥର ଉପଲବ୍ଧ ହୋଇ ଥିବାରୁ ବେଶ ଖୁସି ପ୍ରକଟ କରିଥିଲେ ।



## ଠାକୁର ନିଗମାନନ୍ଦଙ୍କ ଚତୁର୍ଥ ବାର୍ଷିକ ଉତ୍ସବ

ଭଗାମୁଣ୍ଡା:(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ନିଳାଚଳ ସାରସ୍ୱତ ସଘ ପୁରୀ ଅନ୍ତର୍ଗତ ନାରଙ୍ଗପୁର ଶାଖା ସଂଘର ଭଗାମୁଣ୍ଡା ଗ୍ରାମ ନିବାସୀ ବୁଦ୍ଧଦେବ ଭାଇଙ୍କ ଗୃହ ଆସନରେ ଠାକୁର ନିଗମାନନ୍ଦଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ପରିଚାଳକଙ୍କ ସ୍ୱୀକୃତିପ୍ରାପ୍ତ ପଞ୍ଚଉପଚାରରେ ବିଭିନ୍ନ ଶାଖା ସଂଘର ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ । ସେମାନେ ପ୍ରାର୍ଥନା, ସ୍ତୁତି ବନ୍ଦନା ପରେ ନିଗମ ପୁସ୍ତକ ଓ ଗୁରୁ ଗୀତା ପାଠ କରାଯାଇଥିଲା । ଉକ୍ତ ଉତ୍ସବରେ କେନ୍ଦ୍ର ପ୍ରତିନିଧି ଛବିନ୍ଦ୍ର କୁମାର ମଲ୍ଲ ସଭାପତିତ୍ୱ କରିଥିବା ବେଳେ ଆଗରପଡା ଶାଖା,ନାରଙ୍ଗପୁର ଶାଖା ସଂଘ ଏବଂ ଭଗାମୁଣ୍ଡା ସ୍ଥିତ ରାମ ଭାଇଙ୍କ ପାରିବାରିକ ସଂଘର ସମସ୍ତ କର୍ମକ[illegible]। ଉପସ୍ଥିତ ରହି ପୂଜାରେ ସହଯୋଗ କରିଥିଲେ । ଉକ୍ତ ଉତ୍ସବରେ ଆଦର୍ଶ ଗୃହସ୍ଥ ଜୀବନ, ଶ୍ରୀ ଶ୍ରୀ ନିଗମାନନ୍ଦ ଠାକୁରଙ୍କ ଅଭୟବାଣୀ, ସତୀ ଚରିତମାଳା ପାଠ କରିଥିଲେ । ଶେଷରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଆନନ୍ଦପୁର ବୈତରଣୀରେ ଶ୍ରଦ୍ଧାଳୁଙ୍କ ବାରୁଣି ସ୍ନାନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁରର ଶତାଧିକ ଶ୍ରଦ୍ଧାଳୁ ପବିତ୍ର ବୈତରଣୀ ନଦୀର ଝାଡେଶ୍ୱର ଘାଟରେ ବାରୁଣୀ ସ୍ନାନ କରିଛନ୍ତି । ବୈତରଣୀ ନଦୀରେ ବୁଡ ପକାଇଲେ ପୂଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ବାରୁଣି ସ୍ନାନ ପରେ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିଥିଲେ । କୋଭିଡ୍ କଟକଣା ପାଇଁ ବିଗତ ୨ ବର୍ଷ ଧରି ଏହି ବାରୁଣୀ ସ୍ନାନରେ ରୋକ୍ ଲାଗିଥିଲା । ଚଳିତ ବର୍ଷ କଟକଣା ହଟିବା ପରେ ବାରୁଣି ସ୍ନାନ ଯଥା ରୀତିରେ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନିକ ସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଶହୀଦ ଲକ୍ଷ୍ମଣ ନାଏକଙ୍କର ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ

ଭୁବନେଶ୍ୱର, ୨୯ ମାର୍ଚ୍ଚ - ମହାତ୍ମା ଗାନ୍ଧୀଙ୍କ ପଞ୍ଚଶିଷ୍ୟ, ମାତୃଭୂମିର ପରମପୂଜକ ଶହୀଦ ଲକ୍ଷ୍ମଣ ନାଏକଙ୍କର ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ । ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଜନଜାତି ସମୁଦାୟଙ୍କ ଯଥାର୍ଥ ପ୍ରତିନିଧି ଏବଂ ତାଙ୍କରି ନେତୃତ୍ୱରେ ଜନଜାତିଙ୍କ ମଧ୍ୟରେ ନୂତନ ଚେତନା ଜାଗ୍ରତ ହୋଇଥିଲା ବୋଲି ଆଜି ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆଜି ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଉତ୍ସବରେ ଅତିଥି ଓ ବକ୍ତାମାନେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି ।ଏହି ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଉତ୍ସବରେ ଅତିଥିମାନେ ଉପସ୍ଥିତ ରହି ପ୍ରଥମେ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଲକ୍ଷ୍ମଣ ନାୟକଙ୍କୁ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ ବୋଲି ବର୍ଣ୍ଣନା କରିବା ସହ ଆଦିବାସୀମାନଙ୍କୁ ସଂଗଠିତ କରି ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ପ୍ରକାଶ କରିଥିଲେ । ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଲକ୍ଷ୍ମଣ ନାଏକଙ୍କୁ ଜଣେ ନିଃସ୍ୱାର୍ଥପର ନିର୍ଭୀକ ଜନସେବକ ଏବଂ ଜନସେବା ଯୋଗୁଁ ସେ ଲୋକଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଯୋଗଦେଇ କହିଥିଲେ ଯେ ଓଡ଼ିଶାର ଯେଉଁ କେତେକ ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମୀ ବୀର ନାଏକ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀମାନଙ୍କ ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କର ପଞ୍ଚଶିଷ୍ୟ ଲକ୍ଷ୍ମଣ ନାଏକ ଅନ୍ୟତମ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କହିଲେ ଯେ ଶହୀଦ ଲକ୍ଷ୍ମଣ ନାଏକଙ୍କ ସାଂଗଠନିକ ଦକ୍ଷତା ଓ ଅନନ୍ୟ ସାହସିକତା ଓ ନେତୃତ୍ୱ ଜନଜାତି ସଂପ୍ରଦାୟଙ୍କୁ ବ୍ରିଟିଶ ବିରୁଦ୍ଧରେ ସଂଘର୍ଷ କରିବା ପାଇଁ ପ୍ରେରଣା ଯୋଗାଇଥିଲା ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଲେ ଯେ ଶହୀଦ ଲକ୍ଷ୍ମଣ ନାଏକଙ୍କ ନାମରେ ରାଜ୍ୟ ସରକାର ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହୋଇପାରିବ। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକ କୋରାପୁଟ ମାଟିର ଜନଜାତିଙ୍କ ପାଇଁ ଅବିଶ୍ରାନ୍ତ ସଂଗ୍ରାମ କରିଥିଲେ ବୋଲି ଉଲ୍ଲେଖ କରିବା ସହ କୋରାପୁଟର ବିକାଶ ଆମର ଲକ୍ଷ୍ୟ ହେବା ଉଚିତ ବୋଲି ମତ ରଖିଥିଲେ । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ପାଇଁ କୋରାପୁଟର ଜନଜାତି ଗର୍ବିତ ବୋଲି ପ୍ରକାଶ କରିଥିଲେ । ସଭାପରେ ଜନଜାତି ସାଂସ୍କୃତିକ ଦଳ, କୋରାପୁଟର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା ।ଏହି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ,ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା , ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଶବରୀ ସାଂସ୍କୃତିକ ପରିଷଦର ସଦସ୍ୟବୃନ୍ଦ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ ।

## ଶାଳପଡା ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁରର ଶାଳପଡା ସ୍ଥିତ କନକ ମରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି । ଯୁକ୍ତ ୩ ପ୍ରଥମ ବର୍ଷର କଳା ଓ ବିଜ୍ଞାନ ଛତ୍ରୀମାନେ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ୍ ନେଉଛନ୍ତି । ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ୩୦ ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଶିବିରରେ ଶୃଙ୍ଖଳିତ ଭାବେ ତାଲିମ୍ ଶେଷ କରିବାକୁ କନକ ମରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତି ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଶିକ୍ଷଣ ଶିବିରର ସଂଯୋଜିକା ଅଧ୍ୟାପିକା ଅନୁରାଧା ମହାନ୍ତିଙ୍କ ତ[illegible]ବାଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଅଧ୍ୟାପିକା ସୌଦାମିନୀ ପାଇକରାୟ, ସରୋଜିନୀ ମିଶ୍ର, ଗୀତାଳୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ପ୍ରଶିକ୍ଷିକା ସୁଶ୍ରୀ ମୁରାଣୀ ଲୋହାର ଛାତ୍ରୀ ମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

## ଆଦିତ୍ୟ ନାରାୟଣ ସ୍ୱାଇଁ ହତ୍ୟାକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କଲେ ପରିବାର ଲୋକ

କେନ୍ଦୁଝର:(ପି.ଏନ): କେନ୍ଦୁଝର ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ରାଙ୍କି ଗ୍ରାମର ଆଦିତ୍ୟ ନାରାୟଣ ସ୍ୱାଇଁଙ୍କୁ ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ବାଟରେ ତାଙ୍କୁ ହତ୍ୟା କରି ମୟୁରଭଞ୍ଜ ଜିଲ୍ଲାର ଏକ ଜଙ୍ଗଲରେ ପୋଡି ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଯଶିପୁର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଏହି ଘଟଣାରେ ଆଜି ତାଙ୍କ ପରିବାର ଓ ଗ୍ରାମବାସୀ କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହି ଘଟଣା ପଛରେ କଣ କାରଣ ରହିଛି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବୀ କରିଛନ୍ତି । ଜିଲ୍ଲାପାଳ ଆଶିଷ ଠାକ୍‌ରେ ଅଭିଯୋଗପତ୍ର ଗ୍ରହଣ କରି ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରକାଶ ଯେ ଗତ ୨୨ ତାରିଖ ଦିନ ଉକ୍ତ ଯୁବକଙ୍କୁ ଗାଡିରେ ଅଭିଯୁକ୍ତମାନେ ଭୁବନେଶ୍ୱର ଏକ ନିଶାନିବାରଣ କେନ୍ଦ୍ରକୁ



ଯାଉଥିଲେ। ଏଥିପାଇଁ ସେମାନେ ପରିବାର ଲୋକଙ୍କ ଠାରୁ ଖର୍ଚ୍ଚ ବାବଦରେ ୭ ହଜାର ୫ହଜାର ଟଙ୍କା ନେଇଥିଲେ। ଶଗଡପଟା ନିକଟରେ ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ ଗଣ୍ଡଗୋଳ ହେବାରୁ ଆଦିତ୍ୟକୁ ମାଡ ମାରିବାରୁ ତାର ମୃତ୍ୟୁ ହୋଇଥିଲା। ଘଟଣାକୁ ଲୁଚାଇବାକୁ ଏବଂ ପ୍ରମାଣ ନଷ୍ଟ କରିବାକୁ ୨୩ ତାରିଖ ଦିନ ବଡଶିଆଳିନଈ ଗ୍ରାମ୍ୟ ଜଙ୍ଗଲରେ ପୋଡି ଦେଇଥିଲେ। ନିଶା ନିବାରଣ କେନ୍ଦ୍ରକୁ ନେବା ବେଳେ ଆଦିତ୍ୟ ଗାଡିରୁ ଡେଇଁ ପଳାଇଥିବା ପରିବାର ଲୋକଙ୍କୁ କହିବା ପରେ ସେ ନିଖୋଜ ହୋଇଥିବା ନେଇ ପରିବାର ଲୋକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ୨୪ ତାରିଖ ଦିନ ଉକ୍ତ ଯୁବକର ଦର ପୋଡା ମୃତ ଦେହ ଦେଖି ଗାଁ ଲୋକଙ୍କ ଠାରୁ ଖବର ପାଇ ଯଶିପୁର ପୋଲିସ ଜଙ୍ଗଲରୁ ଉଦ୍ଧାର କରି ତଦନ୍ତ କରିବା ସମୟରେ ଟାଉନ ଥାନାରେ ରିପୋର୍ଟ ହୋଇଥିବା ନିଖୋଜ ଯୁବକ ଆଦିତ୍ୟ ବୋଲି ଜଣାପଡିଥିଲା। ତଦନ୍ତ ବେଳେ ଯଶିପୁର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଟାଉନ ଥାନା ପୋଲିସ ସହାୟତାରେ କେନ୍ଦୁଝର ସିରାଜୁଦ୍ଦିନ ଛକର ସତ୍ୟଜିତ୍ ପାଢୀ,ଘଟଗାଁ ଅଞ୍ଚଳର ସ୍ୱରୂପ ନାରାୟଣ ପଲେଇ ଏବଂ ପଣ୍ଡାପଡା ଥାନା ବଡକମଣ୍ଡରା ଗ୍ରାମର ରିତ ନାଏକଙ୍କୁ ଗିରଫ କରିଥିଲା।

### ପୁରୀ ଶ୍ରୀମନ୍ଦିରକୁ କୌଣସି ବିପଦ ନାହିଁ - ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଧାନସଭାରେ ବିବୃତି

ଭୁବନେଶ୍ୱର, (ପି.ଏନ)- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିରକୁ କୌଣସି ପ୍ରକାର ବିପଦ ନାହିଁ ବୋଲି କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ଗୃହରେ ଏ ସମ୍ପର୍କରେ ବିବୃତି ଦେଇ ସେ ଏହା କହିଛନ୍ତି ।ମଙ୍ଗଳବାର ପ୍ରଥମାର୍ଦ୍ଧ ବୈଠକରେ ଶ୍ରୀମନ୍ଦିରକୁ ବିପଦ ଥିବା ନେଇ ବିରୋଧୀ ମାନେ ପ୍ରସଙ୍ଗ ଉଠାଇ ଏହି ମାମଲାରେ ଗୃହ କମିଟି ଗଠନ କରିବା ଓ ମନ୍ତ୍ରୀଙ୍କୁ ବିବୃତି ପ୍ରଦାନ କରିବାକୁ ଦାବି କରିଥିଲେ । ଏହି କାରଣରୁ ପ୍ରଥମାର୍ଦ୍ଧ ବୈଠକରେ ହଟ୍ଟଗୋଳ ହୋଇଥିଲା ।ଦ୍ୱିତୀୟାର୍ଦ୍ଧ ବୈଠକରେ ଏ ସମ୍ପର୍କରେ ବିବୃତି ଦେବାକୁ ବାଚସ୍ପତି କହିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗରେ ବିବୃତି ଦେଇଥିଲେ ।ସେ କହିଥିଲେ ଯେ - ଶ୍ରୀମନ୍ଦିର ପ୍ରକଳ୍ପ ନେଇ ବିଧାନସଭାରେ ପ୍ରସ୍ତାବ ପାରିତ ହୋଇଥିଲା, ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି ।

## ଭୁବନେଶ୍ୱରରେ ଦୁଇଦିନିଆ ଧର୍ମଘଟ ସଫଳ : ସି.ପି.ଆଇ.(ଏମ୍)

ଭୁବନେଶ୍ୱର, (ପି.ଏନ): ନରେନ୍ଦ୍ର ମୋଦୀ ସରକାରଙ୍କର ଜନବିରୋଧୀ ଏବଂ ଶ୍ରମିକ ବିରୋଧୀ ନୀତି ବିରୁଧରେ ଶ୍ରମଜୀବି ଜନଗଣଙ୍କ ଅଧିକାର ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ଡାକରାରେ ୨୮-୨୯ ମାର୍ଚ୍ଚରେ ଆହୁତ ଦେଶବ୍ୟାପି ସାଧାରଣ ଧର୍ମଘଟ / ହରତାଳ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ସଫଳ ହୋଇଛି ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ସଂଗଠିତ ହୋଇଥିବା ଦୁଇଦିନିଆ ଧର୍ମଘଟରେ ରିଜର୍ଭ ବ୍ୟାଙ୍କ, ନାଲକୋ କର୍ପୋରେଟ୍ ଅଫିସ୍, ରେଳ ଷ୍ଟେସନ୍, ରେଳ ସଦନ, ଇଣ୍ଡିଆନ ଅଏଲ୍ କର୍ପୋରେସନ୍‌ର ରାଜ୍ୟ ମୁଖ୍ୟ ଅଫିସ୍, ବି.ଏସ୍.ଏନ୍. ଏଲ୍. ମୁଖ୍ୟ ଅଫିସ୍, ଜୟଦେବ ବିହାର ଓଭର ବ୍ରିଜ୍ ଜାତୀୟ ରାଜପଥ, ଡୁମୁଡୁମା ଛକ ଏବଂ ଓ.ୟୁ.ଏ.ଟି. ଛକ ଇତ୍ୟାଦି ସ୍ଥାନରେ ସି.ଆଇ.ଟି.ୟୁ. ଏବଂ ସି.ପି.ଆଇ.(ଏମ୍) ନେତୃତ୍ୱରେ ଶତାଧିକ କର୍ମୀ ପିକେଟିଂ କରିଥିଲେ ।ଏହି ଆନ୍ଦୋଳନରେ ସି.ଆଇ.ଟି.ୟୁ.ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି , ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପ ସଭାପତି ଅଭିରାମ ବେହେରା, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ମହିଳା ନେତ୍ରୀ ପୁଷ୍ପା ଦାଶ, ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସଭାପତି ସରୋଜ ନାୟକ, ସମ୍ପାଦକ ଯତୀନ୍ ମହାନ୍ତି, ଆଦିବାସୀ ନେତା ସାଲ ମାର୍ଣ୍ଡି, ଚାମ୍ପରୁ ସୋରେନ୍, ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ଯୁଗ୍ମ ସମ୍ପାଦିକା ମିନତୀ ପାଣିଗ୍ରାହୀ, ସି.ଆଇ.ଟି.ୟୁ. ର ଭୁବନେଶ୍ୱର ସଂଯୋଜକ ପ୍ରଦୀପ୍ତ ନାୟକ, ସମ୍ପାଦକ ସୁରେଶ ରାଉତରାୟ, ଯୁଗ୍ମ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସମେତ ଶ୍ରମିକ ନେତା ରମେଶ ଜେନା, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢୀ, ସତ୍ୟ ମହାପାତ୍ର, ବସନ୍ତ ସାହୁ, ପଂଚାନନ ମହାରଣା, ସତ୍ୟନାରାୟଣ ନାୟକ, ବିମଳୀ ନାୟକ ପ୍ରମୁଖ ବହୁ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ । ଏହି ହରତାଳକୁ ସମର୍ଥନ ଜଣାଇ କୃଷକ , କୃଷି ଶ୍ରମିକ, ମହିଳା, ଯୁବ, ଛାତ୍ର , ଆଦିବାସୀ ଏବଂ ଦଳିତ ପ୍ରଭୃତି ସଂଗଠନମାନେ ସାମିଲ ହୋଇଥିଲେ । ସି.ପି.ଆଇ.(ଏମ୍) ସମେତ ସମସ୍ତ ବାମପନ୍ଥୀ ରାଜନୈତିକ ଦଳ ଗୁଡିକ ଏହି ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଧର୍ମଘଟର ଅଭୁତ ପୂର୍ବ ସଫଳତା ପାଇଁ ରାଜ୍ୟବାସୀ ଏବଂ ରାଜ୍ୟର ଶ୍ରମଜିବୀ ଜନସାଧାରଣଙ୍କୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଆନନ୍ଦପୁର ପୌରପରିଷଦର ଉପାଧ୍ୟକ୍ଷ ପଦ ହାତେଇବ କିଏ ?

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପରିଷଦ ନିର୍ବାଚନ ଇତି ମଧ୍ୟରେ ଶେଷ ହୋଇଯାଇଛି । ସିଧାସଳଖ ଭାବେ ହୋଇଥିବା ଅଧ୍ୟକ୍ଷ ନିର୍ବାଚନରେ ଶାସକ ବିଜେଡି ହାତକୁ ଯାଇଛି । ରଜନୀରାଣୀ ଖଟୁଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ୧୬ଟି ୱାର୍ଡ ବିଶିଷ୍ଟ ଆନନ୍ଦପୁର ପୌରପରିଷଦରୁ ୧୨ଟି ୱାର୍ଡରେ ବିଜେଡି କାଉନ୍‌ସିଲର ବିଜୟୀ ହୋଇଥିବା ବେଳେ ୪ଜଣ କାଉନସିଲର ବିଜେପି ପ୍ରାର୍ଥୀ ଜିତିଛନ୍ତି । ଏପ୍ରିଲ ୭ ତାରିଖରେ ହେବ ଉପାଧ୍ୟକ୍ଷ ନିର୍ବାଚନ । ବିଜେଡି କାଉନସିଲରଙ୍କ ମଧ୍ୟରୁ ଯେ କେହି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି । ଉପାଧ୍ୟକ୍ଷ ପଦ ପାଇଁ ୪ନଂ ୱାର୍ଡର କାଉନସିଲର ଦୁର୍ଗାଚରଣ ଦଲେଇ, ୮ନଂ ୱାର୍ଡର କାଉନସିଲର ସୁରେନ୍ଦ୍ର କୁମାର ଦାସ ମୁଖ୍ୟ ଦାବିଦାର ଥିବା କୁହାଯାଉଛି । ସୁରେନ୍ଦ୍ର ରେକର୍ଡ ସଂଖ୍ୟକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ଅଧ୍ୟକ୍ଷଙ୍କୁ ବିଜୟୀ କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଛି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀଙ୍କ ଠାରୁ ୧୧୫୬ ଖଣ୍ଡ ଭୋଟ୍




ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଏପରିକି ଏହି ୱାର୍ଡରେ ବିଜେଡି ଅଧ୍ୟକ୍ଷ ଖଟୁଆଙ୍କ ଖାତାରେ ୧୧୭୨ଖଣ୍ଡ ଭୋଟ ଦେବାରେ ସହାୟକ ହୋଇଛନ୍ତି । ଏଭଳି ପରିସ୍ଥିତିରେ କିଏ ହେବ ଆନନ୍ଦପୁର ପୌରପରିଷଦର ଉପାଧ୍ୟକ୍ଷ ତା'କୁ ନେଇ ବିଭିନ୍ନ ମହଲରେ ଅଙ୍କକଷା ଆରମ୍ଭ ହୋଇଛି । ଏତଦ୍‌ବ୍ୟତୀତ ପୌରପରିଷଦର ୭ନଂ ୱାର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ୱାର୍ଡ ହୋଇଥିବା ବେଳେ ଚଳିତ ଥର ପ୍ରଥମ କରି ବିଜେଡି କାଉନସିଲର ଏହି ୱାର୍ଡରୁ ବିଜୟୀ ହୋଇଛନ୍ତି । ଏହି ୱାର୍ଡର କାଉନସିଲର ମଧ୍ୟ ଉପାଧ୍ୟକ୍ଷ ପଦ ହାତେଇ ପାରନ୍ତି ବୋଲି ସମ୍ଭାବନା ହୋଇଛି । ଏଭଳି ସ୍ଥିତିରେ ଆଗାମୀ ୭ ତାରିଖ ଦିନ ଉପାଧ୍ୟକ୍ଷ ପଦ କାହାକୁ ମିଳୁଛି ତାହା ଦେଖିବାକୁ ବାକି ରହିଲା ।

### ନଦୀ ସୁରକ୍ଷା ନେଇ ଏପ୍ରିଲ ୫ରେ ଜିଲ୍ଲାପାଳଙ୍କୁ ଫେରାଦ ହେବ ବିଜେପି

ଭୁବନେଶ୍ୱର, ୨୯।୩(ପି.ଏନ୍ - ବିଜେପି ନଦୀ ସୁରକ୍ଷା ସମିତି (ନମାମୀ ଗଙ୍ଗେ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସମିତିର ସଭାପତି ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡିଶାର ପ୍ରମୁଖ ନଦୀ ଗୁଡିକରୁ ଯେଉଁଭଳି ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି ଏବଂ ଏହାଦ୍ୱାରା ରାସ୍ତାଘାଟ ପ୍ରଦୂଷଣ ହେଉଛି, ବିଶେଷ କରି ନଦୀ ଅବବାହିକା ଆଜି ସୁରକ୍ଷିତ ରହିପାରୁନାହିଁ, ସେଥିପ୍ରତି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନଦୀପଠାକୁ ମାଫିଆ ମାନଙ୍କ ଦ୍ୱାରା ଯେଉଁଭଳି ଭାବରେ ଜବରଦଖଲ କରାଯାଉଛି ତାହା ବିରୁଦ୍ଧରେ ଆଗାମୀ ଦିନରେ ସ୍ୱର ଉତୋଳନ ପାଇଁ ବୈଠକରେ ନିଷ୍ପତି ନିଆଗଲା।

## ମୁଖ୍ୟମନ୍ତ୍ରୀଙ୍କୁ ଅଫିସରମାନେ ଭେଟିବା ଘଟଣା : କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟପାଳଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୨୯।୩(ପି.ଏନ): ଚଳିତ ପଂଚାୟତ ଓ ପୌର ନିର୍ବାଚନରେ ଶାସକ ବିଜେଡି ପ୍ରତି ପ୍ରଶାସନିକ ଅଧିକାରୀଙ୍କ ମାତ୍ରାଧିକ ଆନୁଗତ୍ୟ ପ୍ରଦର୍ଶନ ସମସ୍ତ ସୀମା ଅତିକ୍ରମ କରିଯାଇଛି । ଯାହା ଫଳରେ ଆଜି ରାଜ୍ୟରେ ସାମ୍ବିଧାନିକ ସଂକଟ ଦେଖାଦେଇଛି। ନିର୍ବାଚନ ପରେ ସରକାରୀ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଘଟଣାରେ ରାଜ୍ୟ ବିଜେପିର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟିଛି। ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିବା ସହିତ ସର୍ଭିସ ରୁଲ୍‌କୁ ଅମାନ୍ୟ କରି ଶାସକ ବିଜେଡି ସପକ୍ଷରେ କାର୍ଯ୍ୟ କରିଥିବା ଉଭୟ ଭାରତୀୟ ଓ ରାଜ୍ୟ ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ସରକାରୀ କର୍ମଚାରୀ ସଂଗଠନମାନଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀପତ୍ର ପ୍ରଦାନ କରିଛନ୍ତି ବିଜେପି ନେତା ।ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି ପୌର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି ସତ, କିନ୍ତୁ ରାଜ୍ୟବ୍ୟାପୀ ନିର୍ବାଚନ ଆଚରଣ ବିଧି ଲାଗୁ ଅଛି । ଏଭଳି ସମୟରେ ପ୍ରଶାସନିକ ଅଧିକାରୀମାନେ ସାମୁହିକ ଭାବେ ନିଜ ନିଜ ସର୍ଭିସ ରୁଲ୍‌କୁ ଭୁଲିଯାଇ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଡିଜିପି, ଏଡିଜି-ପୋଲିସ୍, କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କ ସମେତ ଓଡିଶା ଫାଇନାନ୍‌ସ ସର୍ଭିସେସ୍ ଆସୋସିଏସନ୍, ପୋଲିସ ସେବା ଆସୋସିଏସନ୍, ଓଡିଶା ସଚିବାଳୟ ସେବାସଂଘ, ରାଜସ୍ୱ ସେବା ସଂଘ, କନଷ୍ଟେବଳ ଏବଂ ହାବିଲଦାର ଆସୋସିଏସନ, ବିଭାଗ ମୁଖ୍ୟ ସଂଘ, ମେଡିକାଲ ସର୍ଭିସ ଆସୋସିଏସନ, ପଂଚାୟତ କାର୍ଯ୍ୟନିର୍ବାହୀ ସଂଘ, ଗ୍ରାମ ରୋଜଗାର ସେବା ଆସୋସିଏସନ, ଡ୍ରାଇଭର ଆସୋସିଏସନ ଇତ୍ୟାଦି ତଥା ଅନ୍ୟାନ୍ୟ ବରିଷ୍ଠ ଆଇଏଏସ, ଆଇପିଏସ ଏବଂ ଓଡିଶା ଫାଇନାନ୍ସ ସର୍ଭିସ ଅଧିକାରୀମାନେ ବିଜେଡିର ବିଜୟ ପାଇଁ ନବୀନ ପଟ୍ଟନାୟକଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି । ଚଳିତ ପଂଚାୟତ ଏବଂ ପୌର ନିର୍ବାଚନ ସମୟରେ ବିଜେପି ତରଫରୁ ନିର୍ବାଚନ ପରିଚାଳନାରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ବହୁ ସରକାରୀ ଅଧିକାରୀମାନେ ଶାସକ ବିଜେଡି ସପକ୍ଷରେ ପ୍ରତ୍ୟକ୍ଷ ଭାବେ ପ୍ରଚାର କରୁଥିବାର ଅଭିଯୋଗ କରାଯାଇଥିଲା । ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରରୋଚନାରେ ବିଜେପି ସମେତ ବିରୋଧୀ ଦଳର କାର୍ଯ୍ୟକର୍ତ୍ତାଙ୍କ ଉପରେ ମରଣାନ୍ତକ ଅକ୍ରମଣ କରାଯାଇଥିଲା, ମାତ୍ର ପୋଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ବହୁ ଦୂର, ଏପରିକି କର୍ଣ୍ଣପାତ କରୁନଥିଲେ । ଏହି କାରଣରୁ ରାଜ୍ୟରେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ପୁର୍ବରୁ ବହୁ ଥର ଭାରତୀୟ ଜନତା ପାର୍ଟୀ 'ବିଜେଡି - ପ୍ରଶାସନିକ ଅଧିକାରୀ' ମଧୁଚନ୍ଦ୍ରିକା ପ୍ରସଙ୍ଗରେ ଉଦାହରଣ ସହିତ ଅଭିଯୋଗ କରିଆସୁଛି । ଏହାକୁ ଗତ ୨୭ ତାରିଖ ଦିନ ଉଭୟ ବିଜେଡି ଏବଂ ପ୍ରଶାସନିକ ଅଧିକାରୀମାନେ ନିଜେ ସ୍ପଷ୍ଟ ଭାବେ ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।ଏହି ଅବସରରେ ବରିଷ୍ଠ ବିଜେପି ନେତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ଓ ଅଶୋକ ତ୍ରିପାଠୀ, ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ ଓ ଠାକୁର ରଣଜିତ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଭୁବନ ମୋହନ ଜେନା, ଶ୍ରୀତମ ଦାଶ, ସୁଜିତ କୁମାର ଦାସ ଏବଂ ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ଦୁଇଦିନିଆ ଧର୍ମଘଟ ସଫଳ : ସି.ପି.ଆଇ.(ଏମ୍)

ଭୁବନେଶ୍ୱର, ୨୯।୨(ପି.ଏନ) ନରେନ୍ଦ୍ର ମୋଦୀ ସରକାରଙ୍କର ଜନବିରୋଧୀ ଏବଂ ଶ୍ରମିକ ବିରୋଧୀ ନୀତି ବିରୁଧରେ ଶ୍ରମଜୀବି ଜନଗଣଙ୍କ ଅଧିକାର ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ଡାକରାରେ ୨୮-୨୯ ମାର୍ଚ୍ଚରେ ଆହୁତ ଦେଶବ୍ୟାପି ସାଧାରଣ ଧର୍ମଘଟ / ହରତାଳ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ସଫଳ ହୋଇଛି ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ସଂଗଠିତ ହୋଇଥିବା ଦୁଇଦିନିଆ ଧର୍ମଘଟରେ ରିଜର୍ଭ ବ୍ୟାଙ୍କ, ନାଲକୋ କର୍ପୋରେଟ୍ ଅଫିସ୍, ରେଳ ଷ୍ଟେସନ୍, ରେଳ ସଦନ, ଇଣ୍ଡିଆନ ଅଏଲ୍ କର୍ପୋରେସନ୍‌ର ରାଜ୍ୟ ମୁଖ୍ୟ ଅଫିସ୍, ବି.ଏସ୍.ଏନ୍. ଏଲ୍. ମୁଖ୍ୟ ଅଫିସ୍, ଜୟଦେବ ବିହାର ଓଭର ବ୍ରିଜ୍ ଜାତୀୟ ରାଜପଥ, ଡୁମୁଡୁମା ଛକ ଏବଂ ଓ.ୟୁ.ଏ.ଟି. ଛକ ଇତ୍ୟାଦି ସ୍ଥାନରେ ସି.ଆଇ.ଟି.ୟୁ. ଏବଂ ସି.ପି.ଆଇ.(ଏମ୍) ନେତୃତ୍ୱରେ ଶତାଧିକ କର୍ମୀ ପିକେଟିଂ କରିଥିଲେ ।ଏହି ଆନ୍ଦୋଳନରେ ସି.ଆଇ.ଟି.ୟୁ. ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି , ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପ ସଭାପତି ଅଭିରାମ ବେହେରା, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ମହିଳା



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday April 01 | ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୦୧,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ମାନସ ସ୍ୱାଇଁ ହତ୍ୟା ଘଟଣା, କ୍ରାଇମବ୍ରାଂଚ ପୋଲିସର ଧର୍ମଶାଳା ଅଂଚଳରେ ଛାନଭିନ

ଧର୍ମଶାଳା, (ପିଏନ୍): ବହୁ ଚର୍ଚ୍ଚିତ ମାନାସ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମବ୍ରାଂଚ ପୋଲିସ ସୁରାଗ ପାଇ ବିଭିନ୍ନ ସ୍ଥାନରେ ପହଁଚି ତଦନ୍ତ ଚଳାଇଛି । ଗତ ଏକ ମାସ ତଳେ ଧର୍ମଶାଳା ଥାନା ଅନ୍ତର୍ଗତ ସଂଖାରିଢିହ ନିକଟସ୍ଥ ଜାତୀୟ ରାଜପଥ କଡରେ ପଡିଥିବା ଏକ ମୋବାଇଲ ଫୋନକୁ କାମକୁ ଯାଉଥିବା ଜଣେ ଶ୍ରମିକ ପାଇଥିଲା । ମୋବାଇଲ ଫୋନଟି ରାସ୍ତା କଡରେ ପଡିଥିଲେ ମଧ୍ୟ ଏହା ଅନହୋଇ ରହିଥିଲା । ମୋବାଇଲ ପାଇ ଶ୍ରମିକ ଜଣକ ନିକଟସ୍ଥ ଏକ ପାନ ଦୋକାନରେ ଦେଇଥିଲା । ତେବେ ମୋବାଇଲ ମିଳିବାର କିଛି ସମୟ ପରେ ଏହି ମୋବାଇଲରେ ଚାନ୍ଦବାଲି ପୋଲିସର ଫୋନ ଆସିଥିଲା ଏବଂ ଫୋନଟି କେଉଁ ସ୍ଥାନରେ ଏବଂ କାହାପାଖରେ ଅଛି ପଚାରି ବୁଝିବା ସହିତ ପରବର୍ତି ସମୟରେ ଚାନ୍ଦବାଲି ପୋଲିସ ଏଠାକୁ ଆସି ମୋବାଇଲ ଫୋନ ନେଇଥିଲେ । ତେବେ ଉକ୍ତ ମୋବାଇଲଟି ମୃତ ମାନସ ସ୍ୱାଇଁର ବୋଲି ଜଣାପଡିଥିଲା । ଧିରେ ଧିରେ ଏହି ଘଟଣାରେ ଅନେକ ଲୋକଙ୍କ ସମ୍ପୃକ୍ତି ଜଣାପଡିବା ସହିତ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତକୁ ପୋଲିସ ଧରିବାରେ ବିଳମ୍ବ କରିଥିଲା । ଯାହାକୁ ନେଇ ଏହି ହତ୍ୟାଘଟଣାର ତଦନ୍ତଭାର କ୍ରାଇମବ୍ରାଂଚ ପୋଲିସକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ ବ୍ରାଂଚ ପୋଲିସ ମୁଖ୍ୟ ଅଭିଯୁକ୍ତ ସର୍ମିଷ୍ଠା ସମେତ ଜେଲରେ ଥିବା ୪ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଦନ୍ତକୁ ଜୋରଦାର କରିଛି । ଅଭିଯୁକ୍ତମାନଙ୍କୁ ପଚରା ଉଚରାରେ କ୍ରାଇମବ୍ରାଂଚ ଅନେକ ତଥ୍ୟ ପାଇଥିବା ଜଣାଯାଇଛି । ଏହି ତଦନ୍ତ ଚାଲିଥିବା ବେଳେ କ୍ରାଇମବ୍ରାଂଚ ପକ୍ଷରୁ ଏକ ଟିମ ଆଜି ମୋବାଇଲ ମିଳିଥିବା ସ୍ଥାନକୁ ଆସି ବୁଲି ଦେଖିଛନ୍ତି । ତେବେ ମୋବାଲ ମିଳିଥିବା ସ୍ଥାନରେ ଓହ୍ଲାଇ ଦେଖିଥିଲେ ହେଁ ସେଠାରେ କାହାରିକୁ କିଛି ପଚରା ଉଚରା କରିନଥିଲେ । କିଛି ସମୟ ସେଠାରେ ରହି ପୁଣି ଚଣ୍ଡିଖୋଲ ଆଡକୁ ଚାଲିଯାଇଥିଲେ ।

# ପାରାଦୀପ ସହର ମୁଖ୍ୟ ରାସ୍ତାରେ ମାଲମାଲ ଟିପର- ସାଧାରଣ ଜୀବନ ଯାତ୍ରା ବାଧାପ୍ରାପ୍ତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ସହରର ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ହେଉଛି ବଡପଡିଆ ମାର୍କେଟ । ପାରାଦୀପ ସହରବାସୀଙ୍କ ସମେତ ବହତ୍ ଶିଳ୍ପ ସଂସ୍ଥା ଇଫକୋ, ପାରାଦୀପ ତୈଳ ବିଶୋଧନାଗାର, ପିପିଏଲ୍ ଭଳି ଅନ୍ୟାନ୍ୟ ଶିଳ୍ପ ସଂସ୍ଥାର ଅଧିକାରୀ, କର୍ମଚାରୀମାନେ ପାରାଦୀପର ଏହି ବଡପଡିଆ ମାର୍କେଟ ଉପରେ ନିର୍ଭର କରିଥାନ୍ତି । ପାରାଦୀପ ଥାନା ଛକରୁ ଜୟଦେବ ସଦନ ଛକ ପର୍ଯ୍ୟନ୍ତ ବଡପଡିଆ ମାର୍କେଟ ଅଂଚଳରେ ରାସ୍ତା କଡରେ ନିଜ ନିଜ କାର୍ ରଖି ମାର୍କେଟ ଯାଇଥାନ୍ତି । ଦୀର୍ଘ ଦିନ ହେବ ପାରାଦୀପ ସିନେମା ହଲ୍ ନିକଟରେ ଥିବା ଭାରତ ପେଟ୍ରୋଲିୟମ୍‌ର ତେଲ ଟାଙ୍କିରେ ତେଲ ପକେଇବା ପାଇଁ ପ୍ରତିଦିନ ଶହଶହ ସଂଖ୍ୟାରେ ଟିପର ଆସୁଛନ୍ତି । ରାସ୍ତା କଡରେ ପେଟ୍ରୋଲ ଟାଙ୍କି ନିକଟରୁ ବ୍ୟାଙ୍କ ଛକ ଅତିକ୍ରମ କରି ପ୍ରାୟ ଏକ କିଲୋମିଟର ଦୂର ହୋଟେଲ୍ ଇଣ୍ଟରନ୍ୟାସନାଲ୍ ପର୍ଯ୍ୟନ୍ତ ରାସ୍ତାକଡ ଏବେ ଏହି ଟିପର ଚାଳକଙ୍କ ଦଖଲରେ । କେବଳ ଦିନ ନୁହେଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଟିପର ଗୁଡିକ ଧାଡି ହୋଇ ରହୁଛନ୍ତି । ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଏମାନଙ୍କ ଦଖଲରେ, ଫଳରେ ଦୁଇ ଚକିଆ ଗାଡିଟିଏ ନେଇ ଯିବା କଷ୍ଟକର ହୋଇ ପଡୁଛି । ସାଇକେଲ ନେଇ ଯାଉଥିବା ସ୍କୁଲ ପିଲାମାନେ ଏହି ରାସ୍ତରେ ଯିବାକୁ ଭୟ କରୁଛନ୍ତି । ସହର ର କେନ୍ଦ୍ରସ୍ଥଳରେ ଥିବା ଏହି ତେଲ ଟାଙ୍କି ସହରବାସୀଙ୍କ ଛୋଟ ଛୋଟ ଗାଡି ଚାଳକ, ବାଇକ୍ ଚାଳକଙ୍କ ପାଇଁ ଉଦ୍ଦିଷ୍ଟ ନହୋଇ ଏହା ଏବେ ବଡ ବଡ ଗାଡି ଚାଳକଙ୍କ ପାଇଁ ହୋଇଗଲାଣି । ପାରାଦୀପ ବନ୍ଦର ମଧ୍ୟରୁ ଆସୁଥିବା ଏହି ଟିପର ଗୁଡିକ ବନ୍ଦରର ଆନ୍ତ ବନ୍ଦର ପଣ୍ୟ ପରିବହନରେ ନିୟୋଜିତ ହୋଇଥାନ୍ତି । ବନ୍ଦର ଭିତରୁ ବାହାରକୁ ଆସିବା ବେଳେ ସେହି ଟିପର ଗୁଡିକରୁ କୋଇଲା ଗୁଣ୍ଡ ମୁଖ୍ୟ ରାସ୍ତାରେ ପଡି ପ୍ରଦୂଷଣ ମଧ୍ୟ ସୃଷ୍ଟି କରୁଛି । ବନ୍ଦର କେନ୍ଦ୍ରସ୍ଥଳ ବାହାରେ ଗେଟ୍ ନମ୍ବର-୩, ଅଠରବାଙ୍କୀ ଟର୍ମିନାଲ ଛକ ନିକଟରେ ଅନେକ ତେଲ ଟାଙ୍କି ଥିବା ବେଳେ କାହିଁକି ସହର ଭିତରକୁ ଏହି ଗାଡି ଗୁଡିକ ଆସୁଛନ୍ତି ସେ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ତେଲ ଟାଙ୍କିର ମାଲିକ ଆନ୍ତବନ୍ଦର ପଣ୍ୟ କାରବାରରେ ସଂପୃକ୍ତ ଥିବାରୁ ନିଜର ବ୍ୟବସାୟକୁ ବୃଦ୍ଧି କରିବାକୁ ଏହି ଭଳି ବଡ ବଡ ଟିପର, ଲୋଡର ଆଦିକୁ ସହର ମଧ୍ୟରେ ପ୍ରବେଶ କରାଇ ଜନସାଧାରଣଙ୍କ ରାସ୍ତା ଅବରୋଧ କରି ମୁନାଫା କରୁଛନ୍ତି । ଏଦିଗରେ ପାରାଦୀପ ବନ୍ଦର ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ପୌର ପାଳିକା କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ଏହି ବଡ ବଡ ଗାଡି ସହର ମଧ୍ୟକୁ ପ୍ରବେଶ ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବୀ ହେଉଛି ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ବିଷୁବ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାମହିମ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି କହିଲେ ଯେ ସାହିତ୍ୟ ବିପ୍ଲବ ସୃଷ୍ଟି କରିଥିବା ବହୁ ଉଦାହରଣ ରହିଛି । ଓଡିଶାର ପାଇକ ଆନ୍ଦୋଳନ ଭାରତ ବର୍ଷର ସ୍ୱାଧିନତା ପାଇଁ ବିପ୍ଲବ ସୃଷ୍ଟି କରିଥିଲା । କଳିଙ୍ଗ ବିଜୟ ସତ୍ୟ ନା କାହାଣୀ ଏନେଇ ପ୍ରଶ୍ନ ଉଠିଛି । କଳିଙ୍ଗ ଅଭିଯାନର ଇତିହାସ ଉପରେ ସାରଗର୍ଭକ ସୂଚନା ଦେଇଥିଲେ । ହୀନମନ୍ୟତା ଯୋଗୁ ଓଡିଶା ଆଜି ବହୁ ପଛରେ ପଡିଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଭାରତ ବର୍ଷର ଭୂଖଣ୍ଡରେ ଧର୍ମଶାଳାର ଐତିହ୍ୟ ଭରପୁର ରହିଛି। ୧୯୩୪ ମସିହାରୁ ଗ୍ରାମାଂଚଳରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପ୍ରତିଷ୍ଠା ହୋଇ ଆଜି ଯାଏ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସୃଷ୍ଟି କରିବା ସହ ପ୍ରତିଭାବନ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିଆସୁଅଛି। ଏଥିପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତିଙ୍କ ଉଦ୍ୟମକୁ ସେ ବେଶ ପ୍ରଶଂସା କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା। ଏହି ଅବସରରେ ଗୋକର୍ଣ୍ଣିକାର ବିଷୁବ ସଂଖ୍ୟା ଲୋକାର୍ପିତ ସହ ସାହିତ୍ୟିକ କୃଷ୍ଣଚନ୍ଦ୍ର ସାମଲଙ୍କ ଆତ୍ମଜିବନୀ ପୁସ୍ତକ ମୋ ଲେଖାରେ ମୁଁ, ଗାଳ୍ପିକ ଶରତ ରାଉତରାୟଙ୍କ ଗଳ୍ପ ପୁସ୍ତକ ଅଶାନ୍ତ ଗ୍ରହ, ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳଙ୍କ ପ୍ରଜ୍ଞା ଓ ପ୍ରଜାପତି, ଡ. ଯତୀନ୍ଦ୍ର ରାଉତଙ୍କ ରଚି ଯାଇଥିବା ଛାଇ ହାଇଓ୍ୱା ଚଟଣାରେ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଏଥିସହ ବିଷୁବ ଗୋକର୍ଣ୍ଣିକା ସମ୍ମାନରେ କବି ବିଷ୍ଣୁ ସେଠୀ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ନାରାୟଣ ପଣ୍ଡାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରାମକୋ ଏଭିପି ଅଜିତ ପାଲ, ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ, ଆନ୍ତର୍ଜାୟକ କୃତୀଛାତ୍ର ତଏସ ପଡିଆରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଡ. ତୁହିନାଂଶୁ ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଂଚାଳନ କରିଥିଲେ। ଶେଷରେ ସହ ସଂପାଦକ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ। ପରେ କବିତା ପାଠୋତ୍ସବ ଅଧ୍ୟାପକ ତୁହିନାଂଶୁ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କବି ପ୍ରଭାକର ଶତପଥୀ ଯୋଗଦେଇଥିଲେ। କବି ସୁବ୍ରତ ଦାସ, ଲୋପାମୁଦ୍ର ଜେନା କବିତାଗୁଡିକୁ ସଂଯୋଜନା କରିଥିଲେ। ଏଥିରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ଓଡିଶା ଡ୍ରାଇଭର ମହାସଂଘର ସାଂଗଠନିକ ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କଂଟିଗଡିଆ ଜଗନ୍ନାଥ ମଠ ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଓଡିଶା ଡ୍ରାଇଭର ମହାସଂଘର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉଦୟ ଶଙ୍କର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ମାନସ ରଂଜନ ଦେବତା, ସମ୍ମାନୀତ ଅତିଥି ଭାବେ ଉପସଭାପତି ଅମର ପତି, ସଂପାଦକ ଶରତ ବେହେରା, ଉପଦେଷ୍ଟା ଜିତେନ୍ଦ୍ର ପଣ୍ଡା, ମହେସ୍ୱର ଦାସମ ମହେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଡ୍ରାଇଭେରଙ୍କ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ବିଭିନ୍ନସମୟରେ ଡ୍ରାଇଭରମାନଙ୍କ ସମସ୍ୟା କିପରି ସରକାରଙ୍କ ନିକଟରେ ଉପସ୍ଥାପିତ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।


## ବିକାଶର ନୂଆ ପରିଭାଷା, ଗଢ଼ିବା ନୂଆ ଓଡ଼ିଶା

ଓଡ଼ିଶା ସରକାର

- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ରାଜ୍ୟର ୯୬ ଲକ୍ଷ ପରିବାରକୁ ନୂଆ 'ସ୍ମାର୍ଟ ହେଲ୍‌ଥ କାର୍ଡ଼' ଯୋଗାଣ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଜରିଆରେ ଘରୋଇ ହସପିଟାଲ୍‌ରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଦୈନିକ ହାରାହାରି ୨.୫ କୋଟି ଟଙ୍କା ବ୍ୟୟ କରାଯିବା ସହିତ ଏପର୍ଯ୍ୟନ୍ତ ମୋଟ ୨୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି ।
- ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କୁ ମେଡ଼ିକାଲ କଲେଜର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସୁପର ସ୍ପେଶାଲିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା'ର ଶୁଭାରମ୍ଭ ।
- ୨୦୨୧-୨୨ ଅଗ୍ରୀମ ଆକଳନ ଅନୁୟାୟୀ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ୮.୮ ରହିଥିବା ସ୍ଥଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୦୧ ପ୍ରତିଶତ ରହିଛି ।
- ମହାମାରୀ ସତ୍ତ୍ୱେ ପୁଞ୍ଜି ନିବେଶ ଅଗ୍ରଣୀ କ୍ଷେତ୍ର ଭାବେ ପରିଗଣିତ ହୋଇ ଓଡ଼ିଶାରେ ବିଗତ ତିନିବର୍ଷ ମଧ୍ୟରେ ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ସହ ୧.୫୩ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସଶକ୍ତିକରଣ ପାଇଁ ଆରମ୍ଭ କରାଯାଇଥିବା ଐତିହାସିକ ଆନ୍ଦୋଳନ 'ମିଶନ ଶକ୍ତି'ରେ ୭୦ ଲକ୍ଷ ମହିଳା ସାମିଲ । 'ମିଶନ ଶକ୍ତି ସୁଧ ରିହାତି' ଉପକ୍ରମରେ ୧ ଲକ୍ଷ ୮୬ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୦୨୦-୨୧ ବର୍ଷରେ ୧୨୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ।
- ଡିସେମ୍ବର ୨୦୨୧ ସୁଦ୍ଧା 'କାଳିଆ' ଯୋଜନାରେ ରାଜ୍ୟର ୫୭ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସହାୟତା ପ୍ରଦାନ ।
- '୫-ଟି' 'ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ'ର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧,୦୭୬ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ।
- ଷ୍ଟେଟ୍ ସାଚୁରେସନ୍ ପ୍ଲାନରେ ୫୦ ହଜାର ୨୬୩ କୋଟି ଟଙ୍କାର ପୁଞ୍ଜି ବରାଦ କରାଯାଇ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ପାନୀୟ ଜଳ ସଂଯୋଗର ଲକ୍ଷ୍ୟ ।
- ରାଜ୍ୟର ୬୩ଟି ସହରାଞ୍ଚଳରେ ଶତପ୍ରତିଶତ ପାଇପ୍ ପାନୀୟ ଜଳ ସଂଯୋଗ କରି ଓଡ଼ିଶା ଆଜି ଦେଶର ଏକ ପଥ ପ୍ରଦର୍ଶକ ରାଜ୍ୟ । 'ସିଧାସଳଖ ଟ୍ୟାପ୍‌ରୁ ବିଶୁଦ୍ଧ ପିଇବା ପାଣି ମିଶନ'ରେ ଲଣ୍ଡନ, ଲସ୍‌ଏଞ୍ଜେଲ୍‌ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହର ସହିତ ସମକକ୍ଷ ହୋଇଛି ପୁରୀ ସହର ।
- ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ପାଇଥିବା ୩୧ ଲକ୍ଷ ହିତାଧିକାରୀ ପରିବାରଙ୍କୁ ଘର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 'ବିଜୁ ପକ୍କାଘର ଯୋଜନା'ରେ ୧,୪୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ।
- 'ବସ୍ତି ଉନ୍ନତିକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୭୦ ହଜାର ଭୂମିହୀନ ପରିବାରଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇ ରାଜ୍ୟର ୮ଟି ସହରକୁ ବସ୍ତିଶୂନ୍ୟ କରାଯାଇଥିବାରୁ ରାଜ୍ୟକୁ 'ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେସନ୍ ପୁରସ୍କାର-୨୦୨୧' ପ୍ରଦାନ ।
- କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ ସହିତ କ୍ରୀଡ଼ାବିତ୍‌ମାନଙ୍କୁ ସଶକ୍ତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ୧୨୦ କୋଟି ଟଙ୍କା ବ୍ୟୟରେ ରାଉରକେଲାଠାରେ ନିର୍ମାଣାଧିନ ଦେଶର ସର୍ବବୃହତ୍ 'ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍' ସହିତ କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ ।
- ଟୋକିଓ ଅଲମ୍ପିକ୍ସ ୨୦୨୦ରେ ଭାରତୀୟ ହକି ଦଳର ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଗାମୀ ୧୦ ବର୍ଷ ପାଇଁ ଅର୍ଥାତ୍ ୨୦୩୩ ମସିହା ପର୍ଯ୍ୟନ୍ତ ଉଭୟ ଭାରତୀୟ ହକି ଦଳର ପ୍ରାୟୋଜକ ଆମ ରାଜ୍ୟ ଓଡ଼ିଶା ।
- କ୍ରୀଡ଼ା ଓ ଅନ୍ୟାନ୍ୟ ଜନ କଲ୍ୟାଣ ଉଦ୍ଦେଶ୍ୟ ସାଧନ ପାଇଁ ୭୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୮୯ଟି 'ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍' ନିର୍ମାଣାଧୀନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ






କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି



ସୁଜଳ



DALDS-80
15001/13/0143/2122


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray